visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.143 Bhubaneswar Wednesday, July 21, 2021 | ୨୪ତମ ବର୍ଷ ସଂଖ୍ୟା-୧୪୩ ଭୁବନେଶ୍ୱର, ବୁଧବାର, ଜୁଲାଇ ୨୧, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS



ନୂଆଦିଲ୍ଲୀରେ ପର୍ଯ୍ୟଟନ ମନ୍ତ୍ରୀ ଭାବରେ ଶ୍ରୀପଦ ଯେସୋ ନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି

## ସିଂହଦ୍ୱାର ସମ୍ମୁଖରେ ପହଂଚିଲା ତିନି ରଥ : ଆସନ୍ତାକାଲି ସୁନାବେଶ

ପୁରୀ, ୨୦।୭(ପି.ଏନ): ଜନ୍ମବେଦୀର ମୋହ ଛାଡି ମହାବାହୁ ଆଜି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ା ଯାତ୍ରାରେ ଫେରିଛନ୍ତି। ଦୀର୍ଘ ୯ଦିନ ଧରି ଜନ୍ମବେଦୀ ଆଡପ ମଣ୍ଡପରେ ମହାପ୍ରଭୁ ଅବସ୍ଥାନ କରିଥିଲେ। ଚତୁର୍ଦ୍ଧାମୂର୍ତି ନିର୍ମାଣ ସମୟରେ ୨୧ ଦିନ ସରିବ ବୋଲି ରାଜାଙ୍କୁ ବିଶ୍ୱକର୍ମା ମାନେ କଂଟ ଦେଇଥିଲେ। କିନ୍ତୁ ୧୮ ଦିନରେ ରାଜା କବାଟ ଖୋଲିବାରୁ ଅଧାଗଢା ରହିଗଲେ ଚତୁର୍ଦ୍ଧାମୂର୍ତି। ସେହି ଜନ୍ମବେଦୀର ମୋହକୁ ମନେ ପକାଇ ୧୮ ଦିନ ନରହିଲେ ମଧ ତାର ଅଧା ୯ ଦିନ ଜନ୍ମବେଦୀରେ ଅବସ୍ଥାନ କରୁଛନ୍ତି ଚତୁର୍ଦ୍ଧାମୂର୍ତି। ଶ୍ରୀମନ୍ଦିର ପ୍ରଶାସନ ଦୈତାପତି ଓ ସେବାୟତ ଙ୍କ ସହଯୋଗ ରେ ଆଜି ସଅଳ ନୀତି ସମାପନ ହୋଇଛି। ୩ଟା୫୫ରେ ଉଷୁମ ଲାଗି ସାରି ଦୈତାପତି ମାନେ ବାହାରିଥିଲେ। ଭୋର ୪ଟା୧୦ ମିନିଟ୍ ରେ ମଙ୍ଗଳ ଆଳତୀ ନୀତି ଶେଷ ହୋଇଥିଲା। ୪ଟା୩୦ ରେ ତଡପ ଲାଗି ନୀତି ଶେଷ,୪ଟା୫୦ ରେ ଅବକାଶ ପୁଜା ସଂପନ୍ନ,୫ଟା୧୦ ରେ ରୋଷହୋମ ଓ ୫ଟା୨୦ ରେ ବେଶଶେଷ ହୋଇଥିଲା। ୫ଟା୩୦ ରେ ସୂର୍ଯ୍ୟପୁଜା,୫ଟା୪୦ ରେ ଦ୍ୱାରପାଳ ପୁଜା,୫ଟା୪୫ ରେ ଗୋପାଳ ଭୋଗ ଓ ସକାଳ ଧୂପ ଡାକି ଯାଇଥିଲେ। ୭ଟା ରେ ସକାଳ ଧୂପ ପୁଜା ଶେଷ ହୋଇଥିଲା। ୭ଟା୨୫ ରେ ମଙ୍ଗଳାର୍ପଣ କରାଯାଇ ବିଜେ କାହାଳୀ ବାଜିଥିଲା। ୭ଟା୪୦ ରେ ବାହୁଡା ପହଣ୍ଡି ଆରମ୍ଭ ହୋଇ ୧୦ଟା୨୦ ରେ ପହଣ୍ଡି ଶେଷ ହୋଇଥିଲା। ୧୦ଟା୨୫ ରୁ୧୦ଟା୪୫ ମଧ୍ୟରେ ମଦନମୋହନ ଓ ରାମକୃଷ୍ଣ ମହାଜନ ସେବକଙ୍କ ଦ୍ୱାରା ରଥରେ ବିଜେ କରିଥିଲେ। ସଂପୂର୍ଣ୍ଣ ରଥଯାତ୍ରାକୁ ତିନି ଭାଗରେ ବିଭକ୍ତ କରାଯାଇ ରଥଯାତ୍ରା ଗୁଣ୍ଡିଚା ଘରେ ରହଣୀ ଓ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଗୁଣ୍ଡିଚା ଦିନ ଉତରାୟଣ ଯାତ୍ରା ଓ ବାହୁଡା ରେ ଦକ୍ଷିଣାଭିମୁଖୀ ଯାତ୍ରା ଦର୍ଶନ କରିଲେ ଅଶ୍ୱମେଧ ଯଜ୍ଞ ସମଫଳ ମିଳିବା ସହ ବୈକୁଣ୍ଠ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ଗତକାଲି ରାତିରେ ଆଡପ ମଣ୍ଡପରେ ବଡସିଂହାର ବେଶ ହେବା ପରେ ପହୁଡ ଆଳତୀ ହୋଇଥିଲା। ପୁଷ୍ପାଳକ ସେବକ ମାନେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖରେ ଖଣ୍ଡୁଆ ପକାଇ ବାହାରି ଆସିଥିଲେ। ପରେ ପରେ ଦଇତାପତି ସେବକ ମାନେ ଗୁପ୍ତ ସେବା କରିବା ସହ କୋଟ ସୁଆଁସିଆ ମାନେ ଆଡପ ମଣ୍ଡପ ସିଂହାସନର ତଳକୁ ଚାରମାଳ ବାନ୍ଧିଥିଲେ। ଟାହିଆ ଲାଗି ହେବା ପରେ ତିନି ଠାକୁର ବେଶ୍ ଆକର୍ଷଣୀୟ ଦୃଶ୍ୟମାନ ହୋଇଥିଲେ। ତିନି ଠାକୁର ଧାଡି ପହଣ୍ଡିରେ ରଥକୁ ବିଜେ କରିଥିଲେ। ରଥରେ ବିଜେ ପରେ ରୁନ୍ଧା କାର୍ଯ୍ୟ ହୋଇଥିଲା। ତିନି ରଥରେ ଚତୁର୍ଦ୍ଧାମୂର୍ତି ବିଜେ କରିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଜପତିଙ୍କୁ ଡାକରା ଯାଇଥିଲା। ପୂର୍ବରୁ ଶ୍ରୀନଅର ଠାରୁ ତାନଜାନ ପାଲିଙ୍କି ଓ କାହାଳିଆ ଓ ଭାରୁଆ ମାନେ ବଡଶଙ୍ଖ ଠାରେ ଆସି ଗଜପତିଙ୍କୁ ଅପେକ୍ଷା କରିଥିଲେ। ଗଜପତି କାର ଯୋଗେ ବଡଶଙ୍ଖରେ ପହଂଚିବା ପରେ ପାଲିଙ୍କିରେ ବସି ରଥ ନିକଟକୁ ଯାଇଥିଲେ। କାହାଳି, ଛତ୍ରୀ ଓ ଶୋଭାଯାତ୍ରାରେ ଗଜପତି ବିଜେ କରିଥିଲେ। ତିନି ରଥରେ ଛେରାପହଁରା କରିବା ପରେ ରଥରୁ ଚାରମାଳ ଖୋଲାଯାଇ ଘୋଡା ବନ୍ଧା ଯାଇଥିଲା। ମହାରଣା ଓ ଭୋଇ ସେବାୟତ ମାନେ ରଥରେ ଦଉଡି ଲଗାଇଥିଲେ। ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ପରେ ମାଆ ସୁଭଦ୍ରାଙ୍କ ଦର୍ପଦଳନ ରଥ ଓ ଶେଷରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ସେବାୟତ ମାନେ ଟାଣି ଟାଣି ନେଇଥିଲେ। ବଳଗଣ୍ଡି ଠାରେ ଥିବା ମାଉସୀ ମାଆ ମନ୍ଦିରରେ ତିନି ରଥରେ ତିନୋଟି କୁଡିଆରେ ପୋଡପିଠା ଭୋଗ କରାଯାଇଥିଲା। ତାଳଧ୍ୱଜ ରଥ ମାର୍କେଟ ଛକ ମର୍ଚ୍ଚିକୋଟ ଛକ ଦେଇ ସିଂହଦ୍ୱାର ରେ ଅପରାହ୍ନ ୩ଟା୫୦ ରେ ଲାଗିଥିଲା। ସେହିପରି ଦର୍ପଦଳନ ରଥ ଅପରାହ୍ନ ୪ଟା୨୦ ରେ ସିଂହଦ୍ୱାରରେ ଲାଗିଥିଲା। ନନ୍ଦିଘୋଷ ରଥ ରଜା ନଅର ପାଖରେ ଅଟକିଥିଲା। ସେଠାରେ ଗଜପତି ହସ୍ତରେ ମହାଲକ୍ଷ୍ମୀଙ୍କୁ ଧରି ଲକ୍ଷ୍ମୀନାରାୟଣ ଭେଟ କରିବା ପରେ ନନ୍ଦିଘୋଷ ୬ଟା୧୦ ରେ ସିଂହଦ୍ୱାରରେ ଲାଗିଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର କ୍ରିଷନ କୁମାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ମହାପ୍ରଭୁଙ୍କ ଇଚ୍ଛାରେ ବାହୁଡା ଯାତ୍ରା ସୁରୁଖୁରୁରେ ସମାପନ ହୋଇଛି। ଏଥିପାଇଁ ସେବକ ମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ଆସନ୍ତା କାଲି ଅପରାହ୍ନ ୪ ଟାରୁ ସୁନାବେଶ ଆରମ୍ଭ ହୋଇ ୫ଟା୩୦ ରେ ଶେଷ ହେବ। ଶ୍ରୀମନ୍ଦିରର ପୂର୍ବ, ପଶ୍ଚିମ ଓ ଜୟବିଜୟଦ୍ୱାର ରୂପା ଛାଉଣୀ ଦିନେ ଦୁଇ ଦିନ ଭିତରେ ଶେଷ ହେବ। ଆସନ୍ତା କାଲି ରଥାରୂଢ ଶ୍ରୀବିଗ୍ରହ ମାନେ ମହଣ ମହଣ ସୁନାରେ ବିଭୂଷିତ ହେବେ। ସୁନାବେଶକୁ ଭକ୍ତମାନେ ଦୂରଦର୍ଶନ ଜରିଆରେ ଦେଖିପାରିବେ।



## ଗୋଟିଏ ଦିନରେ ୨୦୮୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୦।୭(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୦୮୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୫୮୦୫୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ୯୩୨୬୬୬ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୦୧୬୮ ରହିଛି। ଆଜି ଚିହ୍ନଟ ହୋଇଥିବା ୨୦୮୫ ଜଣଙ୍କ ମଧ୍ୟରୁ ୧୧୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୯୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୨୮ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧୩ ଜଣ, ବରଗଡ଼ରୁ ୧୫ ଜଣ, ଭଦ୍ରକରୁ ୧୭୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୦୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୦୨, କଟକରୁ ୩୩୫, ଦେବଗଡ ଜିଲ୍ଲାରୁ ୪ ଜଣ, ଢେଙ୍କାନାଳ ଜିଲ୍ଲାରୁ ୪୧ ଜଣ, ଗଜପତି ଜିଲ୍ଲାରୁ ୧୯ , ଗଞ୍ଜାମରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୧୦୮ ଜଣ, ଯାଜପୁରରୁ ୧୩୨ ଜଣ, ଝାରସୁଗୁଡ଼ାରୁ ୦୨ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳ ଜିଲ୍ଲାରୁ ୧୮ ଜଣ. କେନ୍ଦ୍ରାପଡ଼ାରୁ ୯୪ ଜଣ, କେନ୍ଦୁଝରରୁ ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ୫୨୮ ଜଣ, କୋରାପୁଟରୁ ୧୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜରୁ ୮୪ ଜଣ, ନବରଙ୍ଗପୁରରୁ ୧୮ ଜଣ, ନୟାଗଡ଼ରୁ ୬୦ଜଣ, ନୂଆପଡ଼ାରୁ ୦୫ ଜଣ, ପୁରୀରୁ ୧୦୬ ଜଣ, ରାୟଗଡ଼ାରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୬ ଜଣ, ସୋନପୁରରୁ ୪ ଜଣ, ସୁନ୍ଦରଗଡ଼ରୁ ୨୫ ଜଣ ଓ ଷ୍ଟେଟ୍ ପୁଲରୁ ୧୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆସିଷ୍ଟାଂଟ ଇଞ୍ଜିନିୟରଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ବାରିପଦା, ୨୦।୭(ପି.ଏନ):ଆୟ ବର୍ହିଭୁତ ସମ୍ପତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକରେ କାର୍ଯ୍ୟରତ ଆସିଷ୍ଟାଂଟ ଇଞ୍ଜିନିୟର ଧ୍ରୁବ ମାଝୀଙ୍କ ଘରେ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଛି। ଏକ ସଙ୍ଗରେ ବାରିପଦା, କୁଳିଅଣା ବ୍ଲକ୍ କାର୍ଯ୍ୟାଳୟ, ବଡ଼ସାହି, ଶୁଳିଆପଦା ଓ କୁଷ୍ଠାରେ ଚାଲିଛି ଚଢ଼ଉ। ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଚଢ଼ଉ ଜାରୀ ରହିଥିବାରୁ ଏନେଇ ସବିଶେଷ ତଥ୍ୟ ମିଳିପାରିନାହିଁ।

## ଆତ୍ମସମର୍ପଣ କରିଥିବା ମାଓବାଦୀକୁ ହତ୍ୟା

ମାଲକାନଗିରି, ୨୦।୭(ପି.ଏନ): ମାଓ ସଂଗଠନ ଛାଡ଼ି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ସାଥିଙ୍କୁ ହତ୍ୟା କଲେ ମାଓବାଦୀ। ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣେ ବ୍ୟକ୍ତିଙ୍କୁ ଘରୁ ଅପହରଣ କରି ନିର୍ମମ ଭାବରେ ହତ୍ୟା କରିଛନ୍ତି ମାଓବାଦୀ। ଛତିଶଗଡ ବିଜାପୁର ଜିଲ୍ଲାରେ ଘଟିଛି ଏହି ଘଟଣା। ମୃତକ ହେଲେ ଗାଙ୍ଗାଲୁର ଗାଁର ରାଜୁ ବେଞ୍ଜାମ। ସେ ନଅ ବର୍ଷ ଧରି ମାଓ ସଂଗଠନ ସହ ଜଡ଼ିତ ଥିଲେ। ଛତିଶଗଡ଼ ଓ ତେଲେଙ୍ଗାନାରେ ଅନେକ ହିଂସାକାଣ୍ଡରେ ସଂପୃକ୍ତ ଥିଲେ ରାଜୁ ବେଞ୍ଜାମ୍। ଶେଷରେ ନିଜ ପରିବାର କଥା ଚିନ୍ତା କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ପୋଲିସ ନିକଟରେ ଆତ୍ମସମର୍ପଣ କରି ଗାଁରେ ପରିବାର ସହରହି ଚାଷବାସ କରୁଥିଲେ। ଗତକାଲି ରାତିରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ତାଙ୍କୁ ଘରୁ ଅପହରଣ କରି ନେଇଥିଲେ। ଆଜି ସକାଳେ ହତ୍ୟା କରି ମୃତଦେହ ବିଜାପୁର ଗାଙ୍ଗାଲୁର ରାସ୍ତାରେ ଫିଙ୍ଗି ଦେଇଥିଲେ। ସେହି ରାସ୍ତାରେ ଯାଉଥିବା ଲୋକ ମାନେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

## ରାଜଧାନୀରେ ୨୪ ଘଂଟାରେ ୩୫୭ ପଜିଟିଭ୍

ଭୁବନେଶ୍ୱର, ୨୦।୭(ପି.ଏନ): ରାଜଧାନୀରେ ପୁଣି ଥରେ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୩୫୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୭୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୮୨ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୨୫୩ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଚନ୍ଦ୍ରଶେଖରପୁରରୁ ସର୍ବାଧିକ ୨୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଖଣ୍ଡଗିରିରୁ ୧୯ ଜଣ, ଓଲ୍ଡଟାଉନ୍ ରୁ ୧୬ ଜଣ,ବଡଗଡରୁ ୧୩ ଜଣ, ନୟାପଲ୍ଲୀ ରୁ ୧୧ ଜଣ , ମଂଚେଶ୍ୱର,ଆଇଆରସି ଭିଲେଜ, ଡୁମଡୁମା ଓ ପଟିଆରୁ ୧୦ ଜଣ ଲେଖାଏଁ ,ୟୁନିଟ୍ ୮ରୁ ୯ ଜଣ , ପାତ୍ରପଡା ଓ ସହୀଦନଗରରୁ ୮ ଜଣ ଲେଖାଏଁ ,ରସୁଲଗଡ ଭିଏସଏସନଗରରୁ ୭ ଜଣ ଲେଖାଏଁ , ଲକ୍ଷ୍ମୀସାଗର, ସାମନ୍ତରାପୁର, ନିଳାଦ୍ରୀବିହାର, ସୁନ୍ଦରପଦା, ଜାଗମରାରୁ ୬ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୬୪୨୨ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୪୨୪୧ କୁ ବୃଦ୍ଧି ପାଇଛି।

## ବର୍ଷାରେ ବୁଡିଲା ରାଜଧାନୀ

ଭୁବନେଶ୍ୱର, ୨୦।୭(ପି.ଏନ): ଭୁବନେଶ୍ୱରରେ ଅସରାଏ ବର୍ଷାରେ ବେହାଲ ହେଲେ ରାଜଧାନୀବାସୀ। ମଙ୍ଗଳବାର ଅପରାହ୍ନରେ ହୋଇଥିବା ବର୍ଷାରେ ରାଜଧାନୀର ଅଧିକାଂଶ ଅଂଚଳର ଜଳମଗ୍ନ ହୋଇଯାଇଥିଲା। ତଳିଆ ଅଂଚଳରେ ପାଣି ପଶିଯାଇଥିବା ବେଳେ ରାସ୍ତା ପରେ ମୁଣ୍ଡେ ଉଚ୍ଚାରେ ପାଣି ଚାଲୁଥିଲା। ଚିରାଚରିତ ଢଙ୍ଗରେ ନୟାପଲ୍ଲୀ ସ୍ଥିତ ଇସ୍କନ ମନ୍ଦିର ସମ୍ମୁଖରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଭୁବନେଶ୍ୱରରେ ବିଘ୍ନାତ ରଚିଛି ଅଦିନିଆ ବର୍ଷା। ଚତୁପାର୍ଶ୍ୱ ଜଳମଗ୍ନ ହେବା ସହ ରାସ୍ତାରେ ବହୁ ଉଚ୍ଚାରେ ପାଣିଚାଲିବା ହେତୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନେକ ସ୍ଥାନରେ ଗାଡ଼ି ମୋଟର ପାଣି ଭିତରେ ଫସି ରହିଥିବା ମଧ ଦେଖିବାକୁ ମିଳିଥିଲା। ପାଖାପାଖି ଦୁଇ ଘଂଟା ଧରି ରାଜଧାନୀବାସୀ ହଇରାଣ ହୋଇଥିଲେ। ବିଭିନ୍ନ ବସ୍ତି ଅଂଚଳ ସମେତ ତଳିଆ ଅଂଚଳରେ ଲୋକଙ୍କ ଘରେ ପାଣି ପଶିଯାଇଥିଲା। ଇସ୍କନ ସମ୍ମୁଖରେ ପାଣି ଜମିବା ହେତୁ ଗାଡି ଭାସିବାର ଦେଖିବାକୁ ମିଳିଥିଲା।



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୧
ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ଗଣେଶୀଲାଲ
(ଗଣେଶୀ ଲାଲ)

DADLS-12
15001/13/0019/2122



ପବିତ୍ର ଇଦ୍-ଉଜ୍-ଜୁହା-୨୦୨୧
ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ବାର୍ତ୍ତା।

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ମୁଁ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

କୋଭିଡର ବିପଦ ଏ ପର୍ଯ୍ୟନ୍ତ ଦୂର ହୋଇନାହିଁ । ତେଣୁ ମୋର ନିବେଦନ, ଆସନ୍ତୁ ସମସ୍ତେ କୋଭିଡ ନିୟମ ପାଳନ କରିବା । ମାସ୍କ ପିନ୍ଧିବା, ହାତ ଧୋଇବା ଓ ସାମାଜିକ ଦୂରତା ରକ୍ଷା କରି ନିଜେ ସୁସ୍ଥ ରହିବା ଓ ନିଜ ପରିବାରକୁ ମଧ ନିରାପଦ ରଖିବା ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-12
15001/13/0019/2122



ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ମୁସଲମାନ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା



ଇଦ୍-ଉଜ୍-ଜୁହା ଉପଲକ୍ଷେ
ବାର୍ତ୍ତା

ତ୍ୟାଗ, ସମର୍ପଣ ଓ ଉତ୍ସର୍ଗର ପର୍ବ ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

କରୋନା ମହାମାରୀର କଠିନ ସମୟରେ ଆପଣମାନେ କୋଭିଡ ନିୟମାବଳୀ ଅନୁପାଳନ ପୂର୍ବକ ଏହି ପର୍ବ ପାଳନ କରିବାକୁ ମୁଁ ସମସ୍ତଙ୍କୁ ନିବେଦନ କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସମ୍ପଦ ମନ୍ତ୍ରୀ, ଓଡ଼ିଶା

DADLS-12
15001/13/0019/2122








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବରକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପର୍ଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବାସନ୍ତୀ ମହାବିଷୁବ: ସୂର୍ଯ୍ୟ ବୃତ୍ତାନ୍ତ





ବିଜ୍ଞାନମତେ : ସୂର୍ଯ୍ୟ ହିଁ ସକଳ ଶକ୍ତିର ଆଧାର। ସୂର୍ଯ୍ୟ ଯୋଗୁଁ ଦିନରାତି, ଋତୁ ପରିବର୍ତ୍ତନ, ଝଡ଼ ବର୍ଷା, ବାୟୁ ପ୍ରବାହ, ସାମୁଦ୍ରିକ ସ୍ରୋତ ଏବଂ ଏ ପୃଥିବୀ ଚଳଚଞ୍ଚଳ। ସୂର୍ଯ୍ୟ ବ୍ୟତିରେକ ପୃଥିବୀର ଜୀବସତ୍ତା ଏବଂ ଚଳଚଞ୍ଚଳତା ମୁହୂର୍ତ୍ତକ ମଧ୍ୟରେ ଠପ୍। ଅର୍ଥାତ୍ ଜଡ଼ ଓ ଜୀବନ୍ତ ମଧ୍ୟରେ ସୌର ଶକ୍ତିହିଁ ବିଦ୍ୟମାନ। ସେ ସ୍ରଷ୍ଟା, ସେ ପାଳନ କର୍ତ୍ତା ଏବଂ ସଂହାର କର୍ତ୍ତା। ଅର୍ଥାତ୍ ଭଗବାନ। ସେ ବିଷ୍ଣୁଙ୍କ ପରି ପରମାତ୍ମା। ଏଣୁ କାପିଳତନ୍ତ୍ରରେ ଯଥାର୍ଥରେ କୁହାଯାଇଛି:

***"ଆକାଶସ୍ୟ ଧିପୋ ବିଷ୍ଣୁଃ। ଅଗ୍ନିଶୈବ ମହେଶ୍ୱରୀ। ବାୟୋଃସୂର୍ଯ୍ୟଃ କ୍ଷିତେରୀଶୋ ଜୀବନସ୍ୟ ଗଣାଧିପଃ ॥ ଗୁରୁବୋଯୋଗ ନିଷଣାତାଃ ପ୍ରକୃତି ପଞ୍ଚଧା ଗଣମ୍, ପରୀକ୍ଷ୍ୟ କୂର୍ଯ୍ୟୁଃ ଶିଷ୍ୟାଣାଂ ଅଧିକାର ବିନିର୍ଣ୍ଣୟମ୍ ॥"***

ଅର୍ଥାତ୍ ଆକାଶର ଅଧିପତି ବିଷ୍ଣୁ, ଅଗ୍ନିର ମହେଶ୍ୱରୀ। ବାୟୁ ତତ୍ତ୍ୱର ଅଧିପତି ସୂର୍ଯ୍ୟ, ପୃଥିବୀର ଶିବ ଏବଂ ଜଳର ଅଧିପତି ଗଣେଶ ଅଟନ୍ତି। ଏହାର ତାତ୍ପର୍ଯ୍ୟ ଏହି ଯେ ଏହି ପଞ୍ଚ ଦେବଙ୍କ ମଧ୍ୟରେ ସୂର୍ଯ୍ୟ ମଧ୍ୟ ବିଷ୍ଣୁ ଏବଂ ଶିବ ଇତ୍ୟାଦିଙ୍କ ପରି ପରମାତ୍ମା ଅଟନ୍ତି। ଏ ପରମାତ୍ମା ଶରୀର ମଧ୍ୟରେ ଆତ୍ମା ରୂପେ ବିରାଜମାନ। ଏଣୁ ଆତ୍ମା ଓ ପରମାତ୍ମା ଉଭୟେ ଚେତନଶୀଳ। ଏହି ଚେତନ ଶୀଳତାହିଁ, ଚଳ ଚଞ୍ଚଳତା ମୁଖ୍ୟ କାରଣ। ପଞ୍ଚଦେବଙ୍କ ପରି ସୂର୍ଯ୍ୟ ବିନା ଜଳ ବିହୁନ ଜୀବନ ସଦୃଶ। ସମସ୍ତ ବେଦ, ସ୍ମୃତି, ପୁରାଣ, ରାମାୟଣ ଏବଂ ମହାଭାରତ ଆଦି ଗ୍ରନ୍ଥରେ ଭଗବାନ ସୂର୍ଯ୍ୟଙ୍କ ମହିମା ଦ୍ୱାରା ପରିପୁଷ୍ଟ। ବିଜୟ, ସୁନ୍ଦର ସ୍ୱାସ୍ଥ୍ୟ ଲାଭାର୍ଥେ ତଥା କୁଷ୍ଠାଦି ବ୍ୟାଧି ନିବାରଣାର୍ଥେ ବିଭିନ୍ନ ଅନୁଷ୍ଠାନ ତଥା ସ୍ତୋତ୍ରମାନଙ୍କର ବର୍ଣ୍ଣନା ଏହି ଗ୍ରନ୍ଥମାନଙ୍କରେ ପ୍ରଚୁର ପରିମାଣରେ ଉପଲବ୍ଧ ହୁଏ। ଏହିମତେ ସୂର୍ଯ୍ୟ ମହିମା ଯୁଗେଯୁଗେ ଅଦ୍ୱିତୀୟ ଅଟେ।

ଗାୟତ୍ରୀ ମନ୍ତ୍ରରେ ସୂର୍ଯ୍ୟ ହିଁ ଧେୟ ଦେବତା : 'ତତ୍ ସବିତୁର୍ବରେଣ୍ୟମ୍'। ସବିତା ଶବ୍ଦ ସୂର୍ଯ୍ୟଙ୍କର ପର୍ଯ୍ୟାୟସୂଚକ ଅଟେ। ଭାନୁର୍ହଂସ ସହସ୍ରାଂଶୁ ସ୍ତପନଃ ସବିତା ରବିଃ (ଅମର ୧।୩।୩୮୬)। ଅର୍ଥାତ୍ ଭାନୁ, ହଂସ ସହସ୍ରାଂଶୁ, ତପନ, ସବିତା, ଏବଂ ରବି ଇତ୍ୟାଦି ସୂର୍ଯ୍ୟ ଦେବତାଙ୍କର ଭିନ୍ନ ନାମ ଅଟନ୍ତି। ପ୍ରତ୍ୟକ୍ଷତଃ ସୂର୍ଯ୍ୟ ମଣ୍ଡଳ ଜଡ଼ ପ୍ରତୀତ ହେଲେ ହେଁ ତାଙ୍କର ଅଭିମାନୀ ଦେବତା ଚେତନା ଅଟନ୍ତି : ଯୋ ଽସ୍ନାବାଦିତ୍ୟେ ପୁରୁଷଃ ସୋଽସା ବହମ। ସେ ଅଧ୍ୟାତ୍ମ-ସୂର୍ଯ୍ୟ, ସେ ଜ୍ୟୋତିମାନଙ୍କର ଜ୍ୟୋତି ଏବଂ ଜ୍ୟୋତିସ୍ମତୀ ଯୋଗ ପ୍ରବୃତ୍ତିର କାରଣ ଅଟନ୍ତି।' ସେ ଏକମାତ୍ର ଜଗତର ପୋଷକ, ଏକାକୀ ଗମନଶୀଳ (ଅବାସ୍ତବ ଗତି), ସମସ୍ତଙ୍କର ନିୟନ୍ତା, ରଶ୍ମିମାନଙ୍କର ସ୍ରୋତ, ରସମାନକୁ ଗ୍ରହଣ କରୁଥିବା ସୂର୍ଯ୍ୟ। ସେ ପୁଣି ପ୍ରଖରାଶ୍ମି। ଏଣୁ ଯଥାର୍ଥରେ କୁହାଯାଇଛି : ହେ ପ୍ରଜାପତି ପୁତ୍ର ! ଆପଣ ନିଜର କିରଣମାନଙ୍କୁ ଦୂର କରନ୍ତୁ ଏବଂ ଆପଣଙ୍କର ତାପଜ ଜ୍ୟୋତିକୁ ଶାନ୍ତ କରନ୍ତୁ। ଆପଣଙ୍କର ଯେଉଁ ଅତ୍ୟନ୍ତ କଲ୍ୟାଣମୟ ରୂପ ଅଛି, ତାକୁ ମଧ୍ୟ ମୁଁ ଦେଖି ପାରୁଛି; ମୁଁ ଭୃତ୍ୟପରି ମାଗୁନାହିଁ। ଅପିତୁ ଆଦ୍ୟମଣ୍ଡଳସ୍ଥ ଯେଉଁ ପୁରୁଷ ଅଛନ୍ତି ବା ପ୍ରାଣ ବୁଦ୍ଧ୍ୟା ସ୍ୱରୂପରେ ଯେଉଁ ଆଦିତ୍ୟ ପୁରୁଷ ସମସ୍ତ ଜଗତକୁ ପୂର୍ଣ୍ଣ କରିଅଛନ୍ତି କିମ୍ବା ଯିଏ ଶରୀର ରୂପ ପୁରରେ ଶୟନ କରିବା କାରଣ ପୁରୁଷ ନାମରେ ଅଭିହିତ, ସେ ମୁଁ ହିଁ ଅଟେ। ***"ପୂଷନ ଏକର୍ଷେ ଯମ ସୂର୍ଯ୍ୟ ପ୍ରାଦାପତ୍ୟ ବ୍ୟୁହ ରଶ୍ମୀନ ସମୁହ/ ତେଜୋ ଯତ୍ ଯେ ରୂପଂ କଲ୍ୟାଣତମଂ ତତ୍ ତେ ପଶ୍ୟାମି/ଯୋଽସାବସୌ ପୁରୁଷଃ ସୋ ଅଽହମସ୍ମି।"- ଈଶାବାସ୍ୟୋପନିଷଦ: ୧୬***

ଶଙ୍କରାଚାର୍ଯ୍ୟଙ୍କ ମତରେ ଆଦିତ୍ୟଙ୍କଠାରେ ଜ୍ୟୋର୍ତିମଣ୍ଡଳ ରୂପ ଭୂତାଂଶ ଅଚେତନ ଅଟେ; କିନ୍ତୁ ଦେବାତ୍ମା ଅଧିଷ୍ଠାତା ଚେତନ ହିଁ ଅଟନ୍ତି। ଯେମିତି ଆମ ଶରୀର ବସ୍ତୁତଃ ଅଚେତନ ଅଟେ; ପରନ୍ତୁ ପ୍ରତ୍ୟେକ ଶରୀରର ଅଧିପତି ଜୀବାତ୍ମା ଚେତନ ଅଟନ୍ତି। ଏହାହିଁ ବିଜ୍ଞାନ ସମ୍ମତ। କେତେକଙ୍କ ମତରେ ସୂର୍ଯ୍ୟ କେବଳ ଅଗ୍ନିର ଗୋଲ ବା ଜଡ଼ - ଏ ସିଦ୍ଧାନ୍ତ ଆଦୌ ଠିକ୍ ନୁହେଁ। ସେ ଚେତନ ଅଟନ୍ତି। ସେ ଭାମ ଏବଂ କାନ୍ତ। ସେ ଜଡ଼ ଓ ଜୀବ; ସେ ପ୍ରସନ୍ନ ଓ ଅପ୍ରସନ୍ନ। ଏଣୁ ଯଥାର୍ଥରେ ପୂଜ୍ୟ।

ଅଦିତ୍ୟ ହୃଦୟ ସ୍ତୋତ୍ର ଦ୍ୱାରା ଶ୍ରୀରାମ ସୂର୍ଯ୍ୟଙ୍କର ସ୍ତୁତି କରିଥିଲେ। ହନୁମାନ ସୂର୍ଯ୍ୟଙ୍କ ସାନ୍ନିଧ୍ୟରେ ଅଧ୍ୟୟନ କରୁଥିଲେ। ଶାମ୍ବ ସୂର୍ଯ୍ୟ ପୂଜା କରି ଶାପ ମୁକ୍ତ ଥିଲେ। ଏମିତି ବହୁ ଆଖ୍ୟାନ ଏବଂ ଉପାଖ୍ୟାନ ନେଇ ସୂର୍ଯ୍ୟଙ୍କର ପ୍ରସସ୍ତି ଗାନ କରାଯାଇଛି। ବେଦ ତାଙ୍କୁ ଚରାଚର ଜଗତର ଆତ୍ମା ବୋଲି କହିଛି। ***'ସୂର୍ଯ୍ୟ ଆତ୍ମା ଜଗତଃ ତସ୍ଥୁଷଶ୍ଚ,' 'ବିଶ୍ୱସ୍ୟ ଭୁବନସ୍ୟ ଗୋପାଃ ସମାଧିରଃ'। (ଋକବେଦ ୧/୧୬୪/୨୧)।***

ଏ ମନ୍ତ୍ରରେ ସୂର୍ଯ୍ୟଙ୍କୁ ବୁଦ୍ଧି ପ୍ରେରକ କହାଯାଇଛି: ***'ଧିୟଂ ଇରୟୋତଃ ଧିରାଃ।'*** ସୂର୍ଯ୍ୟ ଶବ୍ଦର ଉତ୍ପତ୍ତି ନେଇ ଯାହା ଜଣାଯାଏ: ***ସୂର୍ଯ୍ୟଃ ସର୍ତେର୍ବା ସୁବତେର୍ବା / (୧୨/୨/୧୪) - ଯାସ୍କ। ଇଜସ୍ତ୍ୱ ସୂର୍ଯ୍ୟଂ / (ସିଦ୍ଧାନ୍ତ କୌମୁଦୀ) ସରତି (ଗଚ୍ଛତି) ଆକାଶେ ଇତି ସୂର୍ଯ୍ୟଃ, ଯଦ୍ ବା ସୁପ୍ରେରଣ, କ୍ୟାପୋରୁଟ, 'ସୁବତି କର୍ମାଣି ଲୋକଂ ପ୍ରେରୟତି ସୂର୍ଯ୍ୟଃ।' - ପାଣିନି।***

ଏଥିରୁ ପ୍ରମାଣ ହୁଏ ଯେ, ସୂର୍ଯ୍ୟ ଚେତନ ଅଟନ୍ତି ଏବଂ ପ୍ରେରକତା ଚେତନାର ଗୁଣ ଅଟେ। ସୂର୍ଯ୍ୟ ବ୍ୟତିରେକ ଏଣୁ ସୃଷ୍ଟି ଅସମ୍ଭବ। ସୂର୍ଯ୍ୟ ହିନ୍ଦୁମାନଙ୍କର ଆରାଧ୍ୟ ଦେବତା। ସୂର୍ଯ୍ୟ ସିଦ୍ଧାନ୍ତ ଅନୁଯାୟୀ ଓଡ଼ିଶାରେ ନବବର୍ଷ ମେଷ ସଂକ୍ରାନ୍ତି ପ୍ରଥମ ଦିବସରେ ପାଳିତ ହୁଏ ଏହାକୁ ମହାବିଷୁବ ସଂକ୍ରାନ୍ତି କୁହନ୍ତି। ବସନ୍ତ ଋତୁରେ ଏହା ପଡୁଥିବାରୁ ଏହାକୁ ମଧ୍ୟ ବାସନ୍ତୀ ମହାବିଷୁବ କୁହାଯାଏ। ମହାବିଷୁବ ବର୍ଷକରେ ଦୁଇଥର ପାଳନ କରାଯାଏ। ଗୋଟିଏ ବାସନ୍ତୀ ମହାବିଷୁବ, ବୈଶାଖରେ ଏବଂ ଅନ୍ୟଟି ଜଳ ମହାବିଷୁବ ସେପ୍ଟେମ୍ବର ୨୩ରେ। କିନ୍ତୁ ବାସନ୍ତୀ ମହାବିଷୁବଠାରୁ ସୂର୍ଯ୍ୟଙ୍କ ଗତିନେଇ ବର୍ଷ ହିସାବ, ପାଞ୍ଜି ତିଆରି ଇତ୍ୟାଦି କରାଯାଏ ବୋଲି ଏହାର ଗୁରୁତ୍ୱପୂର୍ଣ୍ଣ। ଏହିଦିନ ନାନା ଯାନୀ ଯାତ୍ରା, ଉତ୍ସବ / ମହୋତ୍ସବ, ଘରେ ଘରେ ନୂତନ ବସ୍ତ୍ର, ସାଜ ସଜ୍ଜା, ପଣା, ଭୋଗରାଗ କେତେ କ'ଣ ହୁଏ। ପୁନଶ୍ଚ ଏହା ସୂର୍ଯ୍ୟଙ୍କ ପୂଜା ହେତୁ ତାଙ୍କ ଲାଗି ଅନେକ ଯାତ୍ରା : ଯଥା ଝାମୁଯାତ୍ରା, ଦଣ୍ଡନାଚ ଏବଂ ଅନେକ କିଛି ସମର୍ପିତ ହୁଏ। ଆସନ୍ତୁ ସେହି ସର୍ବମୟ କର୍ତ୍ତା ସୂର୍ଯ୍ୟଙ୍କ ପ୍ରଣାମ କରି ନିବେଦନ କରିବା : ହେ ସୂର୍ଯ୍ୟ ଦେବ! ଆଜି ଉଦୟ ହେବା ସଂଗେସଂଗେ ଆପଣ ଆମକୁ ନିଷ୍ପାପ କରିଦିଅନ୍ତୁ। ହେ ଅଦିତ, ଆମେ ମିତ୍ର ବରୁଣଦେବଙ୍କ ପ୍ରିୟ ପାତ୍ର ହେଉ; ହେ ଆଦ୍ୟମାନ (ଦାତା) ଆମେ ଆପଣଙ୍କ ପ୍ରିୟପାତ୍ର ହେଉ। ହେ ଅର୍ଯ୍ୟମାନ, ଆପଣଙ୍କ କୃପା ଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସୂର୍ଯ୍ୟଙ୍କ ଉପଲବ୍ଧ କରିବା। ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକ ଭାସ୍ୱର କରନ୍ତୁ। ***"ପ୍ରଭାକରାୟ ବିଦ୍ମହେ ଦିବାକରାୟ ଧୀମହୀ, ତନ୍ନୋ ସୂର୍ଯ୍ୟ ପ୍ରଚୋଦୟାତ୍।" : ଗାୟତ୍ରୀ।***

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ : ୯୯୩୮୩୪୧୧୩୮**

# ସାରଳା ଦାସ ଓ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ପ୍ରସଙ୍ଗରେ...



ମାଟିର ମହାକବି ସାରଳା ଦାସ। ସେ ପୁଣି ଆଦିକବି। ମା' ସାରଳାଙ୍କ କୃପା ଲାଭକରି ସେ ସିଦ୍ଧେଶ୍ୱର ପରିଡାରୁ ସାରଳା ଦାସ ହୋଇପାରିଥିଲେ। ଆଦିକବିଙ୍କ ପ୍ରତିମୂର୍ତ୍ତି ବର୍ତ୍ତମାନସୁଦ୍ଧା ବିବଦମାନ ହୋଇରହିଛି। ଆଦିକବି ସାରଳାଦାସ ମହାବିଦ୍ୟାଳୟ, ମୁନି ଗୋସେଇଁ ମଠ, ସାରଳା ଭବନ, ଝଙ୍କଡ ମନ୍ଦିର, ଏପରିକି ଓଡିଶା ସାହିତ୍ୟ ଏକାଡେମୀ ପରିସରରେ ଥିବା ପ୍ରତିମୂର୍ତ୍ତିରେ ସାମଞ୍ଜସ୍ୟ ନାହିଁ। ଏ ବାବଦରେ ମଧ୍ୟ ବିଶେଷ କିଛି ଆଲୋଚନା ହୁଏନାହିଁ। ନିକଟରେ କିଛି ଖବରକାଗଜରେ ମୋ' ଲିଖିତ ଆଦିକବି ସାରଳା ଦାସଙ୍କ ସଠିକ ପ୍ରତିମୂର୍ତ୍ତି କେଉଁଟି ଶୀର୍ଷକ ନିବନ୍ଧଟି ପ୍ରକାଶ ପାଇଥିଲା। ନିବନ୍ଧଟି ପ୍ରକାଶ ପାଇବାପରେ ଅନେକ ବନ୍ଧୁ, ଶୁଭେଚ୍ଛୁ ଓ କିଛି ସହୃଦୟ ପାଠକ ମୋ' ସହ କଥା ହୋଇଥିଲେ। କିଛି ବନ୍ଧୁ କହିଲେ ଆପଣ ଯାହା ଲେଖିଛନ୍ତି ତାହା ଠିକ୍ କଥା। ବିଭିନ୍ନ ଜାଗାରେ ସାରଳା ଦାସଙ୍କ ଭିନ୍ନ ଭିନ୍ନ ପ୍ରତିମୂର୍ତ୍ତି ରହିଛି। ମୁଁ କହିଲି ଆମେ ତାଙ୍କୁ ମାଟିର ମହାକବି କହୁଛୁ ଅଥଚ ତାଙ୍କର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରତିମୂର୍ତ୍ତି ରହିଛି। ଉତ୍ତର ପିଢିର ପିଲାମାନଙ୍କୁ ଯଦି ସାରଳା ଦାସଙ୍କ ପ୍ରତିମୂର୍ତ୍ତିଟିଏ ଆଙ୍କିବାକୁ କୁହାଯାଏ ତାହାହଲେ ସେମାନେ ବିଭିନ୍ନ ସ୍ଥାନରେ ଥିବା ପ୍ରତିମୂର୍ତ୍ତି ମଧ୍ୟରୁ କେଉଁଟିକୁ ସଠିକ୍ ବୋଲି ଭାବି ଆଙ୍କିବେ ଏହା ଦ୍ୱନ୍ଦ୍ୱ ସୃଷ୍ଟି କରୁନାହିଁ କି? ସେମାନେ ହଁ କହିଲେ।

ତା'ପରେ ଅଧ୍ୟାପକ ବନ୍ଧୁ ନିରୋଦ କୁମାର ଦାସଙ୍କ ପାଖରୁ ପୁଣି ଏକ ଫୋନ ଆସିଲା। ସେ କହିଲେ, ହିମାଂଶୁବାବୁ ଆପଣଙ୍କ ଲେଖା ନିବନ୍ଧଟି ପଢିଲି। ଆଜିକାଲି ତ' ଏଭଳି ନିବନ୍ଧ ଖୁବ୍ କମ୍ ଲେଖିବାକୁ ମିଳିଛି; ଭଲ ପ୍ରସଙ୍ଗଟିଏ ଆପଣ ଉଠାଇଛନ୍ତି। ହେଲେ ୬୦୦ ବର୍ଷ ତଳର ଆଦିକବି ସାରଳା ଦାସଙ୍କୁ ପ୍ରକୃତରେ ଦେଖିଛି କିଏ? ମୁଁ ଉତ୍ତରରେ କହିଲି ଆମେତ ଭଗବାନ ଶ୍ରୀକୃଷ୍ଣ, ରାମ, ଦେବଦେବ ମହାଦେବ, ଗଣେଶ, ମା' ଲକ୍ଷ୍ମୀ, ସରସ୍ୱତୀ ଏମାନଙ୍କୁ ତ ଦେଖିନେ, ତାହାହେଲେ ସେମାନଙ୍କ ପ୍ରତିମୂର୍ତ୍ତିରେ କିପରି ସାମଞ୍ଜସ୍ୟ ରହୁଛି। ଆଦିକବିଙ୍କ କ୍ଷେତ୍ରରେ ସେହିପରି ତାଙ୍କ ପ୍ରତିମୂର୍ତ୍ତିକୁ ନେଇ ସହମତି ଆସିବା କଥା। ସେଇଥିପାଇଁ ଡକ୍ଟର ହରେକୃଷ୍ଣ ମହତାବ ୧୯୪୮ ମସିହାରେ ସାରଳା ମନ୍ଦିର ସମ୍ମୁଖରେ ସାରଳା ଦାସ ସ୍ମୃତି ସ୍ତମ୍ଭ ପ୍ରତିଷ୍ଠା କରିଥିଲେ। ସେହିପରି ଜଗତସିଂହପୁର ସଦର ମହକୁମା ପୌରପରିଷଦ କାର୍ଯ୍ୟାଳୟ ପରିସରରେ ୨୦୧୮ ମସିହାରେ ଆଉ ଏକ ସ୍ମୃତି ସ୍ତମ୍ଭ ପ୍ରତିଷ୍ଠା କରାଯାଇଛି। ଏପରି ସ୍ଥଳେ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ଓ ସାରଳା ଦାସଙ୍କ ସ୍ମୃତି ସ୍ତମ୍ଭକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ମୋ' କଥା ସହ ସେ ଏକମତ ହେଲେ।

ତା'ପର ଫୋନଟି ଆସିଲା ଓଡିଶା ସଚିବାଳୟରେ ଅନୁସଚିବ ଭାବେ କାର୍ଯ୍ୟରତ ଥିବା ମୋର ଜଣେ ଶୁଭେଚ୍ଛୁ ତଥା ସୁଧୀପାଠକ ପ୍ରଦୀପ୍ତ ବିଶ୍ୱାଳଙ୍କ ପାଖରୁ। ଫୋନରେ ସେ କହିଲେ, ସାର ଏହି ଯେଉଁ ପ୍ରସଙ୍ଗଟି ଆପଣ ଉଠାଇଛନ୍ତି ତାହା ବିଭିନ୍ନ ସମୟରେ ଅନେକଙ୍କ ମନରେ ସ୍ଥାନ ପାଇଥାଏ। କିନ୍ତୁ କେହି ପ୍ରକାଶ କରି ନଥାନ୍ତି। ମାତ୍ର ଏ ପ୍ରସଙ୍ଗର ସମାଧାନ ଆପାତତଃ ହୋଇସାରିଛି ବୋଲି ମୁଁ ଭାବୁଛି। କାରଣ ୨୦୧୩ ମସିହା ମାର୍ଚ୍ଚ ୨୦ ତାରିଖରେ ଓଡିଶା ସାହିତ୍ୟ ଏକାଡେମୀ ପରିସରରେ ତତ୍କାଳୀନ ସଂସ୍କୃତି ମନ୍ତ୍ରୀଙ୍କ ସମେତ ସେତେବେଳର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ଦାମୋଦର ରାଉତ, ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ, ସ୍ଥାନୀୟ ବିଧାୟକ ଅଶୋକ ପଣ୍ଡାଙ୍କ ସମେତ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ଅଶୋକ ତ୍ରିପାଠୀ ଓ ଭୁବନେଶ୍ୱର ମେୟର ଅନନ୍ତନାରାୟଣ ଜେନା ଉପସ୍ଥିତ ଥିଲେ। ତେଣୁ ସାରଳା ଦାସଙ୍କ ପ୍ରତିମୂର୍ତ୍ତି ବାବଦରେ ଯେଉଁ ଦ୍ୱନ୍ଦ୍ୱ ଉଠୁଛି, ଏ ଘଟଣା ପରେ ସେ ପ୍ରସଙ୍ଗରେ ଆଉ ଦ୍ୱନ୍ଦ୍ୱ ସୃଷ୍ଟିହେବା ଉଚିତ ନୁହେଁ। ମୁଁ କହିଲି ଠିକ୍ ଅଛି। ଏ ଘଟଣାଟି ସାର୍ବଜନୀନ ଭାବେ ଗ୍ରହଣ ହେବା ପାଇଁ ସଂସ୍କୃତି ବିଭାଗ ତରଫରୁ ସମସ୍ତଙ୍କୁ ଅବଗତ କରାଇବାର ଆବଶ୍ୟକତା ଅଛି। ଏହାପରେ ଶ୍ରୀଯୁକ୍ତ ବିଶ୍ୱାଳ କହିଲେ ଯାହାହେଉ ଏପରି ଗୋଟିଏ ନିବନ୍ଧ ଲେଖିବାରୁ ଆଲୋଚନା କରିବାର ଏକ ସୁଯୋଗ ମିଳିଲା।



ଏଠାରେ ସୂଚନାଯୋଗ୍ୟ ଯେ, ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏନାହିଁ। କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି। ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫-୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ। ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୂହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ। ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ। ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି। ଏପରି ଏକ ବୈପ୍ଲବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାୟନ କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ। ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା- ରାମାୟଣ, ମହାଭାରତ ଓ ଭାଗବତ। ସେ ଲେଖିଛନ୍ତି-ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ'। ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି।

ସାରଳା ଦାସ ମହାଭାରତ ଓଡିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ। ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ। ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିରେ ସ୍ୱ-କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି। ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ। ତାଙ୍କ ବିରଚିତ ମହାଭାରତରେ ଓଡିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ। ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି। ସାରଳା ମହାଭାରତ ପ୍ରବଚନ, ନୀତିକଥା ଓ ଲୋକକଥାର ଖଣି।

ଏକଥା ବିଚାର କରିବାର ଅଛି। ଓଡିଆ ଭାଷା ସାହିତ୍ୟର ଜନକ କୁହାଯାଉଥିବା ଆଦିକବି ସାରଳା ଦାସଙ୍କ ସଠିକ୍ ପ୍ରତିମୂର୍ତ୍ତି କେଉଁଟି, ତାହା ଉତ୍ତରପିଢିର ଦାୟାଦମାନେ ଜାଣିବା ଦରକାର। ତାହାହେଲେ ମାଟିର ମହାକବିଙ୍କ ପ୍ରତିମୂର୍ତ୍ତିକୁ ନେଇ ଆଉ ବିବାଦ ରହିବ ନାହିଁ। ଏ ଦିଗରେ ସଂସ୍କୃତି ବିଭାଗ ଆବଶ୍ୟକୀୟ ପଦକ୍ଷେପ ନେବା ଜରୁରୀ ମନେହୁଏ।

**ହିମାଂଶୁଶେଖର ଆଚାର୍ଯ୍ୟ, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ- ୯୯୩୭୧୫୧୦୫୨**

## ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର (ପିଏନ୍): ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର କ୍ୟାପିଟାଲ ହାଇସ୍କୁଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲାପାଳଙ୍କ ତରଫରୁ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। କୋଭିଡ଼ ନିୟମ ପାଳନ ହେଉଥିବା ପରିପ୍ରେକ୍ଷୀରେ ଆସନ୍ତା ଏପ୍ରିଲ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପ୍ରତିଷ୍ଠା ଦିବସ ପାଳନ ହୋଇଥାଏ। କିନ୍ତୁ ଚଳିତବର୍ଷ ଏହାର ବ୍ୟତିକ୍ରମ ହୋଇଛି। କେବଳ ଏପ୍ରିଲ ୧୩ ତାରିଖ ଦିନ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କରାଯିବ। ଭୁବନେଶ୍ୱରର ବିଭିନ୍ନ ସ୍କୁଲ୍ ଓ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ବେସାମରିକ ପ୍ୟାରେଡ଼ ଏଥର ହେବନାହିଁ। କେବଳ ରାଜଧାନୀ ଶିଳାନ୍ୟାସ ଫଳକ ସମ୍ମୁଖରେ ସମବେତ ହୋଇ ସକାଳ ୮ଟାରେ ବିଭିନ୍ନ ସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ/ଅଧ୍ୟକ୍ଷ (ଜଣେ ଲେଖାଏଁ) ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିବେ। ଏହାଛଡ଼ା ବିଭିନ୍ନ ସରକାରୀ ସଂସ୍ଥାର ପ୍ରତିନିଧିମାନେ ସେଦିନ ସକାଳେ ଶିଳାନ୍ୟାସ ଫଳକରେ ମଧ୍ୟ ପୁଷ୍ପମାଲ୍ୟ ଦେବେ। ରାଜଧାନୀ ଶିଳାନ୍ୟାସ ଫଳକକୁ ଅଧିକ ଆକର୍ଷଣ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡ଼ିଏ) ଏବଂ ଭୁବନେଶ୍ୱର ପୂର୍ତ୍ତ ବିଭାଗ ଡ଼ିଭିଜନ ନଂ-୧କୁ ଅନୁରୋଧ କରାଯିବ। ସେଦିନ ସନ୍ଧ୍ୟାରେ ଜୟଦେବ ଭବନରେ ୧୩ଜଣ ବିଶିଷ୍ଟ ପ୍ରତିଭାବାନ ବ୍ୟକ୍ତିଙ୍କୁ ରାଜଧାନୀ ଗୌରବ ସମ୍ମାନ, ଆଲୋଚନା ସଭା କରାଯିବ ଓ ଜନ୍ମଦିନ କେକ୍ ମଧ୍ୟ କଟାଯିବ। ସନ୍ଧ୍ୟାରେ ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କୋଭିଡ଼ ନିୟମ ଅନୁସାରେ ପାଳନ କରିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଛି। ଏହି ଅବସରରେ ବିଧାନସଭାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେବେ। ଏହି ଉପଲକ୍ଷେ ୧୩ ତାରିଖ ଦିନ ରାଜଧାନୀର ବିଭିନ୍ନ ସରକାରୀ, ବେସରକାରୀ ଉଦ୍ୟୋଗ, କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସଂସ୍ଥା, ରାଷ୍ଟ୍ରାୟତ ବ୍ୟାଙ୍କର କୋଠାବାଡ଼ି, ରାସ୍ତାଘାଟ, ବାଣିଜ୍ୟକର ପ୍ରତିଷ୍ଠାନ, ପେଟ୍ରୋଲ ପମ୍ପ, ସଚିବାଳୟ, ବିଧାନସଭା, ରିଜର୍ଭ ବ୍ୟାଙ୍କ, ଏଜି ଅଫିସ, ଇଡ଼କୋ, ଫରଚ୍ୟୁନ ଟାୱାର, ବିଡ଼ିଏ, ଭାରତ ଦୂର ସଞ୍ଚାର ଭବନ, ବିଏମ୍‌ସି, ହାଉସିଂବୋର୍ଡ଼, କମିଶନରେଟ ପୋଲିସ୍, ପିଏମ୍‌ଜି ଅଫିସ୍, ସୂଚନା ଓ ଲୋକ ସମ୍ପର୍କ ଭବନ, ଓଏମ୍‌ସି କାର୍ଯ୍ୟାଳୟ, ବିଭାଗୀୟ ମୁଖ୍ୟ ଦପ୍ତର କୋଠାଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ପାଇଁ ବୈଠକରେ ସ୍ଥିରୀକୃତ ହୋଇଥିଲା। ପ୍ରାରମ୍ଭରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ତଥା ସାମ୍ବାଦିକ ସନତ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଏହି ପ୍ରସ୍ତୁତି କମିଟି ବୈଠକରେ ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନେଶ୍ୱର ମହାନଗର ନିଗମର ଉପକମିଶନର ଡଃ ପ୍ରମୋଦ କୁମାର ପୃଷ୍ଟି, କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୋନାମିକା ରାୟ, ବ୍ଲକ ଶିକ୍ଷା ଅଧିକାରୀ ସଂତୋଷ କୁମାର ରାଉତ, ସେଣ୍ଟ ଜନ ଆମ୍ବୁଲାନ୍ସ ସହକାରୀ କମିଶନର ପୁରୁଷୋତ୍ତମ ବଳ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଜିଲ୍ଲା ସୂଚନା ଅଧିକାରୀ ତାପସ ଦାସଙ୍କ ସମେତ ପୂର୍ତ୍ତ ପରିବହନ ଜନସ୍ୱାସ୍ଥ୍ୟ, ବିଡ଼ିଏ, ସିଆରପିଏଫ୍, ଟ୍ରାଫିକ ଏବଂ ରାଜଧାନୀର ବିଭିନ୍ନ ସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକକୁ ଗୌର ଚନ୍ଦ୍ର ମହାପାତ୍ର, ପ୍ରଭାସ ରନ ଦାସ ଓ ସୁଧାଂଶୁ ଶେଖର ମହାନ୍ତି ପରିଚାଳନା କରିଥିଲେ।

## ଦେଓଝର ଓ ଅଂସେଇକଳାରେ ଡିସ୍‌ପେନ୍‌ସାରୀ ପ୍ରତିଷ୍ଠା କରିବ ଟାଟା ଷ୍ଟିଲ



ଯୋଡ଼ା (ପିଏନ୍): ଟାଟା ଷ୍ଟିଲ ପକ୍ଷରୁ ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ଦେଓଝର ଓ ଅଂସେଇକଳା ପଞ୍ଚାୟତରେ ଦୁଇଟି ଡିସ୍‌ପେନସାରୀ ପ୍ରତିଷ୍ଠା କରିବା ପାଇଁ ଗତ ଗୁରୁବାର ଦିନ ଭୂମିପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟାଟା ଷ୍ଟିଲ ଓଏମ୍‌କ୍ୟୁ ଡିଭିଜନ୍‌ର ନୋଆମୁଣ୍ଡି ମୁଖ୍ୟ ଶ୍ରୀ ରାମ ପ୍ରକାଶ ମାଲି ଦେଓଝରରେ ହେବାକୁ ଥିବା ଡିସ୍‌ପେନସାରୀର ଭୂମିପୂଜନ କରିଥିବାବେଳେ ଦେଓଝର ଗ୍ରାମ ପଞ୍ଚାୟତର ସରପଞ୍ଚ ଶ୍ରୀ ମଙ୍ଗଳ ମୁଣ୍ଡା, ପଞ୍ଚାୟତ ସମିତି ସଦସ୍ୟ ଶ୍ରୀ ଯୁଧିଷ୍ଠିର ପଲେଇ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ବୀର ନାୟକ ଏବଂ ଦେଓଝରର ପୂର୍ବତନ ସରପଞ୍ଚ ଶ୍ରୀ ଜନାର୍ଦ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଂସେଇକଳା ପଞ୍ଚାୟତର ସାନବଡ଼ବିଲ ଗ୍ରାମରେ ଟାଟା ଷ୍ଟିଲ ଓଏମ୍‌କ୍ୟୁ ଡିଭିଜନ୍ ନୋଆମୁଣ୍ଡି ମୁଖ୍ୟ ଶ୍ରୀ ରାମ ପ୍ରକାଶ ମାଲି, ଅଂସେଇକଳା ସରପଞ୍ଚ ଶ୍ରୀ ଦିଲ୍ଲୀପ ନାୟକ, ଅଂସେଇକଳା ୱାର୍ଡ଼ ମେମ୍ବର ଶ୍ରୀ ପରମେଶ୍ୱର ବେହେରା ଓ ଶ୍ରୀ ସାରଥୀ ଓରାମ ପ୍ରମୁଖ ଉପସ୍ଥିତ ରହି ଭୂମିପୂଜନ କାର୍ଯ୍ୟକ୍ରମକୁ ସମ୍ପନ୍ନ କରିଥିଲେ। ପ୍ରତ୍ୟେକ ଡିସ୍‌ପେନସାରୀ ୨୩୫୦ ବର୍ଗ ଫୁଟ୍ ଲେଖାଏଁ ଅଞ୍ଚଳରେ ନିର୍ମାଣ ହେବାକୁଥିବାବେଳେ ୨ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ଦୁଇଟି ଡିସ୍‌ପେନ୍‌ସାରୀ କାର୍ଯ୍ୟକ୍ଷମ ହେବାପରେ ଦେଓଝର ଓ ଅଂସେଇକଳା ପଞ୍ଚାୟତ ଅଧିନରେ ରହୁଥିବା ୧୪ଟି ଗ୍ରାମର ପ୍ରାୟ ୧୦,୦୦୦ ଲୋକ ଏହାଦ୍ୱାରା ସ୍ୱାସ୍ଥ୍ୟସେବା ଲାଭ କରିପାରିବେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଓଏମ୍‌କ୍ୟୁ ଡିଭିଜନ୍ ସିଏସ୍‌ଆର ବିଭାଗ ମୁଖ୍ୟ ଶ୍ରୀ ଅନୀଲ ଓରାଓଁ, ଟାଟା ଷ୍ଟିଲ ଫାଉଣ୍ଡେସନ୍‌ର ଶାଖା ମୁଖ୍ୟ ଶ୍ରୀ ତୁଳସୀଦାସ ଗନଭୀରଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକମାନେ ମଧ୍ୟ ଉପସ୍ଥିତ ଥିଲେ।

## କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ହେଲା ଗାନ୍ଧିଜୀଙ୍କ ବିଶାଳ ପ୍ରତିମୂର୍ତ୍ତି

ଭୁବନେଶ୍ୱର (ପିଏନ୍): ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଓଡିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଅବସରରେ କଟକର ଜରିପଡିଆସ୍ଥିତ କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ପରିସରରେ ୯ ଫୁଟ ଉଚ୍ଚତା ବିଶିଷ୍ଟ ଗାନ୍ଧିଜୀଙ୍କର ଏକ ବିଶାଳ ପ୍ରତିମୂର୍ତ୍ତି ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଧ୍ୟାନମୁଦ୍ରାରେ ଶୋଭା ପାଉଥିବା ଏହି ପ୍ରତିମୂର୍ତ୍ତିକୁ ୯ ଫୁଟ ଉଚ୍ଚର ଏକ ଆସ୍ଥାନରେ ଅବସ୍ଥାପିତ କରାଯାଇଛି। ୧୦୦ ବର୍ଷ ତଳର ସେହି ପୁରୁଣା ସ୍ମୃତିକୁ ଏକ ଜୀବନ୍ତ ରୂପ ଦେବାକୁ ଯାଇ ଐତିହାସିକ କାଠଯୋଡି ନଦୀପଠାରେ ଗାନ୍ଧିଜୀଙ୍କ ଦ୍ୱାରା ଆୟୋଜିତ ସେହି ମହାସଭାର ଦୃଶ୍ୟକୁ ଶିଳ୍ପୀ ଲକ୍ଷ୍ମୀଧର ମୁଦୁଲିଙ୍କ ନିଖୁଣ ସ୍ଥାପତ୍ୟ କଳା ମାଧ୍ୟମରେ ପୁନର୍ଜୀବିତ କରାଯାଇଛି। ଏହି ଉନ୍ମୋଚନ ଉତ୍ସବରେ ମହାମହିମ ରାଜ୍ୟପାଳଙ୍କ ସହ କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲର ମହାପ୍ରବନ୍ଧକ ଡ. ଜି ଏସ୍ ପଟ୍ଟନାୟକ, ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ପ୍ରଶାସକ ହ. ଜିଏସ୍ ପଣ୍ଡା, ଟ୍ରଷ୍ଟି ସତ୍ୟମ ସରାବ, ସହ-ନିର୍ଦ୍ଦେଶକ ସମ୍ୟକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମହାମହିମ ରାଜ୍ୟପାଳ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ସ୍ୱାଧୀନତା ସଂଗ୍ରାମରେ ଓଡିଶାର ଭୂମିକା ଉପରେ ଆଲୋକପାତ କରିଥିଲେ। ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଓ ସ୍ୱାଧୀନ ଭାରତ ଗଠନରେ ଓଡିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଭୂମିକାକୁ ଦୋହରାଇବା ସହ ଭୂୟସୀ ପ୍ରଶଂସା କରିଥିଲେ। କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲ ତରଫରୁ ଆୟୋଜିତ ଏପରି ଏକ ସମାରୋହକୁ ପ୍ରଶଂସା କରିବା ସହ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହ ତଥା ପ୍ରେରଣା ଯୋଗାଇବା ପାଇଁ ଏହା ଏକ ନିଆରା ପ୍ରୟାସ ବୋଲି ପ୍ରକାଶ କରିଥିଲେ। ବିଦ୍ୟାଳୟ ପରିସରରେ ଗାନ୍ଧିଜୀଙ୍କ ଏହି ବିଶାଳ ପ୍ରତିମୂର୍ତ୍ତି ଉତର ପିଢିକୁ ଏକ ନୂତନ ଦିଗ୍‌ଦର୍ଶନ ଦେବାସହିତ ଛାତ୍ରଛାତ୍ରୀଙ୍କୁ ଅହିଂସାର ମାର୍ଗରେ ଆଗେଇନେବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ସମାରୋହରେ ସେଂଟ ଜାଭିୟର ଗ୍ରୁପ୍ ଅଫ୍ ସ୍କୁଲର ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ସମାରୋହର ଅନ୍ତିମ ପର୍ଯ୍ୟାୟରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାସ ମହାମହିମ ରାଜ୍ୟପାଳଙ୍କ ସହ ଅନ୍ୟାନ୍ୟ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର (ପିଏନ୍): ରାଜଧାନୀର ୟୁନିଟ୍-୧ ସ୍ଥିତ ଆଦିବାସୀ ପଡ଼ିଆ ସଂଲଗ୍ନ ଦେବୋତର ବିଭାଗ ଅଧିନସ୍ଥ ଲକ୍ଷ୍ମୀନୃସିଂହ ମନ୍ଦିରର ମୁଖ୍ୟ ପୁରୋହିତ(ପୂଜକ) ସାଧୁବାବା ହନୁମନ୍ତ ଦାସଜୀ ମହାରାଜାଙ୍କର ମାର୍ଚ୍ଚ ୩୦ ତାରିଖ ସନ୍ଧ୍ୟା ପ୍ରାୟ ୫ ଘଟିକା ସମୟରେ ଦେହାନ୍ତ ହୋଇଯାଇଛି। ଏହି ୯୫ ବର୍ଷୀୟ ସାଧୁବାବା ହେଉଛନ୍ତି ପେନସନଭୋଗୀ ସ୍ୱାଧିନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅନ୍ତର୍ଗତ କପିଳ ଗ୍ରାମପଂଚାୟତରେ ସେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧିନତା ସଂଗ୍ରାମୀ ହେବା ସହିତ ସମୟକ୍ରମେ ସେ ସନ୍ୟାସୀ ହୋଇ ହନୁମାନ ଚାଳିଶା, ରାମଚରିତ ମାନସ, ଭାଗବତ ଗୀତା ଇତ୍ୟାଦି ପୁରାଣ ଶାସ୍ତ୍ରରେ ବ୍ୟାସ (ପାଣ୍ଡିତ୍ୟ) ଭାବେ ବିବେଚିତ ହୋଇ ଆସୁଥିଲେ। ଏହି ଲକ୍ଷ୍ମୀନୃସିଂହ ମନ୍ଦିରର ସ୍ଥାନୀୟ ଦେବୋତର କାର୍ଯ୍ୟକ୍ରମ କମିଟିର ସେ ମଧ୍ୟ ସଭାପତି ଥିଲେ। ସମଗ୍ର ୟୁନିଟ୍-୧ ଓ ୟୁନିଟ-୬ର ଜନସାଧାରଣଙ୍କର ସେ ଶ୍ରଦ୍ଧାଭାଜନ ହୋଇପାରିଥିଲେ। ତାଙ୍କର ସମସ୍ତ ଅର୍ଜନ ପରୋପକାର ଓ ସେବାରେ ଉତ୍ସର୍ଗ କରିଦେଉଥିଲେ। ସେ ଜଣେ ସନ୍ଥ, ସାଧୁ, ସରଳ ପ୍ରକୃତିର ଜ୍ଞାନୀ ବ୍ୟକ୍ତି ଥିଲେ ବୋଲି ମନ୍ଦିରର ବର୍ତ୍ତମାନର କାର୍ଯ୍ୟକାରୀ ପୂଜକ ବାବା କମଳଲୋଚନ ଦାସଜୀ ମହାରାଜ ପ୍ରକାଶ କରିଛନ୍ତି।

## ଆହ୍ୱାନ ପକ୍ଷରୁ ଉତ୍କଳ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ନାଟ୍ୟ ସଂସ୍ଥା ଆହ୍ୱାନ ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। ପ୍ରଥମେ ଆହ୍ୱାନ କାର୍ଯ୍ୟାଳୟରେ ଥିବା ମହାପୁରୁଷମାନଙ୍କର ଫଟୋଚିତ୍ରରେ କର୍ମକର୍ତ୍ତାମନେ ମାଲ୍ୟାର୍ପଣ ସହିତ ଧୂପ, ଦୀପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତତ୍ପରେ ଏକ ସଭା ଅନୁଷ୍ଠାନର ଉପସଭାପତି ସମାଜସେବୀ ପାଣ୍ଡବ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବନ୍ଦେ ଉତ୍କଳଜନନୀ ସଂଗୀତ ଉପସ୍ଥିତ ସଭ୍ୟମାନଙ୍କ ଦ୍ୱାରା ଗାନ କରାଯାଇଥିଲା। ସମ୍ପାଦକ ବିଶ୍ୱଜିତ ସାହୁ, ନଟବର ଜେନା, ଦିଲ୍ଲୀପ କୁମାର ଜେନା, ପଞ୍ଚାନନ ବେହେରା, ଜୟଦେବ ରାଉତ ପ୍ରମୁଖ ଯୋଗଦେଇ ଆମେ ଓଡ଼ିଆ, ଆମ ଭାଷା ଓଡ଼ିଆ, ଆମ ଦେଶ, ଓଡ଼ିଶା, ଏଥିପାଇଁ ଆମ୍ଭେ ଗର୍ବିତ। ଯେଉଁ ମହାପୁରୁଷମାନଙ୍କର ଏଥିପାଇଁ ଅବଦାନ ଥିଲା, ସେମାନଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ ସହସମ୍ପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଜୁଲାଇ ୨୧**

# ଗହଣାରେ କେତେ କ୍ୟାରେଟ୍ ସୁନା

ସେହି ଗହଣାକୁ ଆମେ ବଣିଆ ପାଖକୁ ନେଇ ଚାରିଥର ନୂଆନୂଆ ଡିଜାଇନ୍ କରି ପିନ୍ଧିଲେଣି। ପ୍ରତିଥର ଖାଦର ପରିମାଣ ଟିକେଟିକେ କମ ବେଶୀ ଦେବାକୁ ହୁଏ। କିନ୍ତୁ ଗତ ୨୦୧୯ରେ ପ୍ରଥମେପ୍ରଥମେ ଗହଣାର ଚିକିମିକିଆ ରୂପ ଏବଂ ୫ଟି ଆଦିର ତାବଡତୋଡ ଧରପଗଡ ଦେଖି ଲାଗୁଥିଲା ଖାଦ ପରିମାଣ ପୁରାପୁରି କମିଯାଇଛି। ହେଲେ ଏବକୁ ଗହଣାର ଚମକ ନାହିଁ, ପୁରା ମଳିନ ଦେଖା ଯାଉଛି, ଯେତେ ମାଜିଲେ ସୁନାର ସୁନେଲିରଙ୍ଗଟା ମୋଟେ ଆସୁନି। "ସୁନାରେ ଖାଦ ନମିଶିଲେ ଗହଣା ଗଢିହୁଏନା" ବୋଲି ଜଣେ ବନ୍ଧୁ ମୋତେ କହି ଆମ ସରକାର ଯାହା କରୁଛନ୍ତି ସବୁ ଠିକ୍ ବୋଲି ଯୁକ୍ତି ବାଢିଲେ। ତାଙ୍କ କଥା ଅନୁସାରେ ସୁନାରେ ଯେମିତି ଅଳ୍ପ ପରିମାଣରେ ଖାଦ ମିଶେଇଲେ ତାରକଷି ସରୁକାମ ଭଲ ହୁଏ, ଗହଣାର ଚାହିଦା ବଢେ ସେମିତି ସରକାର ଟିକେଟିକେ ଦୁର୍ନ୍ନିତି କରି କିଛିକିଛି ମିଥ୍ୟାତଥ୍ୟ ଦେଲେ ସରକାରୀ ଅଧିକାରୀ ଏବଂ ନେତାମାନଙ୍କ ଭିତରେ ସୁସମ୍ପର୍କ ରହେ। ଯେତେବେଳେ ପ୍ରତ୍ୟେହ ଦଶହଜାର କରୋନା ରୋଗୀ ଆକ୍ରାନ୍ତ ହେଉଥିଲେ ସେତେବେଳେ ସରକାର ପନ୍ଦରରୁ ପଚିଶ ଭିତରେ ମୃତ୍ୟୁ ସଂଖ୍ୟାକୁ ସୀମିତ ରଖିଲେ। କିନ୍ତୁ ଏବେ ଦୁଇହଜାର ତଳକୁ ଆକ୍ରାନ୍ତଙ୍କ ସଂଖ୍ୟା ଖସିଲା ବେଳକୁ ମୃତ୍ୟୁସଂଖ୍ୟା ପଚାଶରୁ ସତୁରି ଭିତରେ ହେଉଛି ବୋଲି ଘୋଷଣା କରୁଛନ୍ତି। କେତେକ କହୁଛନ୍ତି ପୂର୍ବର ମୃତ୍ୟୁସଂଖ୍ୟା ଗୁଡା ଏବେ ଯୋଡୁଛନ୍ତି। ହେଲେ ଧିରେଧିରେ ପ୍ରତିଦିନ କିଛି କିଛି ଯୋଡି ପ୍ରଚାର କରିବା କ'ଣ ଦରକାର ! ସଫାସଫା କହିଦେବା କଥା ଦୁଇତିନି ହଜାର ଅଧିକ ମରିଥିଲେ, ଯାହାକୁ ଆମେ ଲୁଚେଇଥିଲୁ। ତା'ପରେ ଏବେକାର ପ୍ରକୃତ ତଥ୍ୟ ପ୍ରସାର କରନ୍ତେ। ନହେଲେ ଏମିତି କହିଲେ ବି ଭଲ ଯେ ଆଜିର ସଜ ମୃତ୍ୟୁ ସଂଖ୍ୟା କୋଡିଏ ଏବଂ ପୂର୍ବର ବାସି ମୃତ୍ୟୁସଂଖ୍ୟା ଛୟାଳିଶ, ଏମିତି ମିଶି ଛଷଠି। ପୁରୁଣା ମିଛକୁ ଲୁଚେଇବାକୁ ନୂଆ ମିଛ କହିବା କଣ ନିହାତି ଜରୁରୀ ! ଲୋକମାନେ ଜାଣିବାକୁ ଚାହୁଛନ୍ତି ଏ ସଂଖ୍ୟା ଘୋଟାଲାରେ କାହାର ସ୍ୱାର୍ଥ ଥିଲା ? କାହିଁକି ଏମିତି ଲୋକମାନଙ୍କୁ ଆଗରୁ ଭୁଆଁ ବୁଲାଉଥିଲ, ଏବେ ବି ଭୁଆଁ ବୁଲାଉଛ ? ଏହାର ରିଂ ମାଷ୍ଟର କିଏ ? ସିଏ ଯିଏ ହେଉନା କାହିଁକି ଦରମା ତ ସାଧାରଣ ଜନତାଙ୍କ କର ପଇସାରୁ ହିଁ ନେଉଥିବ ! ତେଣୁ ଲୋକଙ୍କ ପଇସାରେ ସେବା କରୁଛି ମାନେ ଲୋକମାନଙ୍କୁ ମିଛକହିବା ଅର୍ଥାତ୍ ସେବାରେ ତୃଟିକରିବା ଦୋଷରେ ଦଣ୍ଡ ପାଇବା ଉଚିତ୍। ଏଗୁଡାକୁ ଖାଦବୋଲି ଭାବି ଯଦି ସରକାର ଗୋଳେଇଘାଂଟି ଭଲଗହଣା କରିବାକୁ ଭାବିଥାନ୍ତି ତେବେ ଭୁଲ୍ କଥା। କରୋନା ସମୟରେ ଏକ ମୁଖ୍ୟକଥାକୁ ସରକାର ଗୌଣଭାବରେ ବିଚାର କରୁଛନ୍ତି। ତା'ହେଲା ଚାଷୀଙ୍କ ସମସ୍ୟା। କୃଷି ମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀଙ୍କୁ ଗଣମାଧ୍ୟମ ବଡବଡ ଭାଷଣ ମାଧ୍ୟମରେ ବଢିଆ କଥା କହିବାର ଦେଖାଯାଉଛି ସତ ହେଲେ ସାଧାରଣ ଲୋକଙ୍କ ବିଶ୍ୱାସ ହେଉନି। ଏବେ ତ ଗଣମାଧ୍ୟମ କହିଲେ ନବେ ପ୍ରତିଶତ ସରକାରୀ। ତେଣୁ ଚାଇନା ଭଳି ଯାହା ସରକାର ଚାହିଁବେ ସେୟା ଦେଖାଇବେ, ତା'କୁ ଛାଡି ଯୋଉ ଅନ୍ୟଦୁଇଟା ଖଣ୍ଡେ ଅଛି ସିଏ ଏତେ କାମକୁ ନୁହେଁ। ଏବକୁ ଅର୍ଗସ ପ୍ରଚେଷ୍ଟା କରୁଛି ଯେ ତା'ର ଦର୍ଶକ ସଂଖ୍ୟା ସେମାନଙ୍କୁ ଏପର୍ଯ୍ୟନ୍ତ ଟକ୍କର ଦେଇପାରିନି। ଭବିଷ୍ୟତରେ ଦେଇପାରେ, ହେଲେ ଏସବୁ ପ୍ରଚାରପ୍ରସାର ଅନ୍ୟଆଡେ ଲୋକଙ୍କ ପ୍ରକୃତ ସମସ୍ୟା ଭିନ୍ନଆଡେ। ବିରୋଧିଙ୍କ କଥା ଯଦି ସତ ବସ୍ତାବସ୍ତା ଧାନ ମଣ୍ଡିରେ ଗଜା ହେଲା, କିଛି ବସ୍ତାରେ ଧାନ ଗଜାହୋଇ ଭୃଣ ବାହାରିବା ଫଟୋ ବି ଅଛି। ସରକାରଙ୍କ ପାଖରେ କିନ୍ତୁ ଏସବୁ ଖବର ନାହିଁ। ରାଜ୍ୟବାହାରୁ କିଛି ଧାନ ଚୋରାଗାଡିରେ ଆସି ଆମରାଜ୍ୟରେ ବି ବିକ୍ରିହେବାର ପ୍ରଚେଷ୍ଟା ବେଳେ ଅବଶ୍ୟ ରାଜ୍ୟ ପୋଲିସ ଧରି ସେମାନଙ୍କୁ ବାନ୍ଧିଛନ୍ତି, ହେଲେ ଏମିତି ଅବ୍ୟବସ୍ଥାର ଚିତ୍ର ସମୁହକୁ କ'ଣ ଖାଦ ହିସାବରେ ଗ୍ରହଣ କରାଯାଇପାରେ ! ଯେତେ ସବୁ "ମୋ" ନାଁରେ ଯୋଜନା ହୋଇଛି ଯଥା – ମୋ ବସ, ମୋ ସାଇକେଲ୍ .. ଇତ୍ୟାଦି ଇତ୍ୟଦି ଡିଙ୍କି ବଗ ମାହାକାଳି ଚକୁଳି , ସବୁଗୁଡା ଗୋଟିଗୋଟି କରି ଦେଖାଯାଉ, କୌଣସି ଗୋଟିଏ ବର୍ଷକରୁ ଅଧିକ ଅବଧି ଯାଏ ଆଶାନୁରୂପ ହିସାବରେ ଆଦୌ ଚାଲିନାହିଁ। ଏଥିରେ ରାଜ୍ୟକୋଷରୁ କୋଟିକୋଟି ଟଙ୍କା ପାଣିପରି ବୋହିଛି। ତେବେ ଏହି ଦୂରଦୃଷ୍ଟିହୀନତା ପାଇଁ କିଏ ଦାୟି ? କେତେଜଣ ବୁଦ୍ଧିଜୀବୀ ଭାବୁଛନ୍ତି ଯେ କାଳିଆ ଯୋଜନା, ଆବାସୀୟ ଯୋଜନା, ପିଠା ଯୋଜନା, ମିଠା ଯୋଜନା ଓ ଏପରିକି ହରିଶ୍ଚନ୍ଦ୍ର ଯୋଜନା ସବୁ ପକ୍ଷପାତ ରହିତ ଏବଂ ସଠିକ୍ ଭାବରେ ଚାଲିଛି ବୋଲି ! ଏତେଏତେ ଖାଦ ଯଦି ଖାଂଟିରେ ମିଶିବ ତେବେ ଗହଣାକୁ ସୁନା ଗହଣା ବୋଲି କେମିତି କହିବା ! ଯୋଉଧାତୁର ଖାଦ ସେହି ଧାତୁର ନାଁରେ ଗହଣାକୁ ଖାଦ ଗହଣା କୁହାଯିବ। ସୁନା ଗହଣାରେ ସୁନା ନବେଭାଗକୁ ଖାଦ ଦଶଭାଗ ଯାଏ ଚଳିବ। ସେହି ହିସାବରେ ସରକାର ଚବିଶ କାରେଟ ନହେଉ ପନ୍ଦର ଷୋଳ କ୍ୟାରେଟ ହେବାକୁ ଜନସାଧରାଣ ଆଶା ରଖୁଛନ୍ତି, ଯାହାକି ଏବେ ତଳକୁ ଖସିଲା ପରି ମନେ ହେଉଛି। ଆପଣଙ୍କ ହିସାବରେ ଆଜିର ଆମରଜ୍ୟ ସରକାରୀ ନେତା ଓ ପ୍ରଶାସନଙ୍କ ଗହଣାରେ କେତେ କ୍ୟାରେଟ୍ ସୁନା !


**ଇଂ.ବିଦ୍ୟାଧର ପଣ୍ଡା**

ଏଲ୍-୧୭/୧୫, ପଂଚଶଖା ନଗର,
ଡୁମୁଡୁମା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯,
ମୋ- ୯୪୩୯୧୨୮୦୫୦ / ୭୯୭୮୦୧୯୦୮୧,
bdpanda1@gmail.com

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ପଖାଳ ଓ ରୋଗ ପ୍ରତିରୋଧକ ଶକ୍ତି


**ଡ. ଗଣେଶ ଚନ୍ଦ୍ର କୁଣ୍ଡ**

ଆଇଏଚ୍ଏମ ରେ ଅଧ୍ୟୟନ କରିଥିବା ଦେଶର ପ୍ରସିଦ୍ଧ ସେଫ୍ ହରପାଲ୍ ସିଂହ ସୋଖି ପଖାଳ କୁ ପ୍ରଶଂସା କରି କହିଛନ୍ତି ଏହା ଏକ 'ଆମୋଦଦାୟକ ଭୋଜନ' ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ଢେର୍ ମାତ୍ରାରେ ବୃଦ୍ଧି କରିଥାଏ । ଓଡ଼ିଆ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତାହା ମଧ୍ୟରୁ ପଖାଳ ଅନ୍ୟତମ । ଗରିବ ର ଭାତ ହାଣ୍ଡିରୁ ଆରମ୍ଭ କରି ସୌଖିନ ହୋଟେଲ ପର୍ଯ୍ୟନ୍ତ ସବୁଠି ରହିଛି ପଖାଳ ର ଚାହିଦା । ଆସାମ କୃଷି ବିଶ୍ୱବିଦ୍ୟାଳୟର ମଧୁମିତା ବରୁଆ ଓ ଗୁଣଜିତ ଗୋସ୍ୱାମୀଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣା ରୁ ମଧ୍ୟ ପଖାଳ ରେ ଥିବା ଉପାଦେୟତା ବିଷୟରେ ସୂଚନା ମିଳେ । ଏବେ ଗବେଷଣାରୁ ଜଣାପଡ଼ିଛି ଯେ ପଖାଳ ଖାଇଲେ ଖାଲି ଆନନ୍ଦ ମିଳେନା, ଏହା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବି ବଢ଼ାଇଥାଏ । ଯାହା ଓଡିଶା ଲୋକଙ୍କ ପଖାଳ ଖିଆ ଅଭ୍ୟାସକୁ ଆହୁରି ଉତ୍ସାହିତ କରିଛି । ଭୁବନେଶ୍ୱର ଏମ୍ସର ମାଇକ୍ରୋବାୟୋଲଜି ବିଭାଗର ପ୍ରଫେସର ବି. ରାମାଦାସ 'ପଖାଳ' ଉପରେ ଗବେଷଣା କରି ଜାଣିବାକୁ ପାଇଛନ୍ତି, ଯେ ବାସି ପଖାଳରେ ଥିବା ରୋଗ ପ୍ରତିରୋଧକ ଶକ୍ତି ଶରୀରରେ ରୋଗ ସହ ଲଢେଇ କରିବାରେ ସହାୟତା କରିଥାଏ । ଗବେଷଣାରୁ ଜଣାପଡିଛି ଯେ ଜଣେ ଦିନକୁ ଅଧ ଲିଟର ବା ୫ ଶହ ମିଲିଲିଟର ତୋରାଣି ପିଇଲେ, ଏହା ଶରୀର ପାଇଁ ହିତକର । କିନ୍ତୁ ହୋଟେଲରେ ପ୍ରସ୍ତୁତି କରାଯାଉଥିବା ପଖାଳ ନୁହେଁ ବରଂ ଘରେ ରାତିରେ କରାଯାଇଥିବା ପଖାଳ, ଶରୀର ପାଇଁ ଅଧିକ ହିତକର ଅଟେ । ତେବେ ଏ ନେଇ ଅଧିକ ଗବେଷଣା ଜାରି ରହିଛି । ସାଧାରଣ ଲୋକଙ୍କ ପାଇଁ ପଖାଳ ସହଜରେ ଉପଲବ୍ଧ ତେଣୁ ଏଭଳି ତଥ୍ୟ ଓଡିଶାବାସୀ ଙ୍କ ପାଇଁ ଏକ ଖୁସି ଖବର । ୧୯୯୫ ମସିହାରେ ମୁ କେନ୍ଦ୍ରାପଡା ମହାବିଦ୍ୟାଳୟ ରେ ପଢୁଥାଏ, ପଟ୍ଟାମୁଣ୍ଡାଇ ରୁ କେନ୍ଦ୍ରାପଡା ଆସି ପ୍ରତିଦିନ କ୍ଲାସ ରେ ଯୋଗଦେବା ପାଇଁ ଟ୍ରେକର ର ସାହାରା ନେବାକୁ ପଡୁଥିଲା । ସେତେବେଳେ ରାସ୍ତା ର ଯାହା ଅବସ୍ଥା ପୁଣି ଟ୍ରେକର ରେ ଯାତ୍ରୀ ମାନଙ୍କ ର ଯେମିତି ଭିଡ ରହୁଥିଲା ତାହା ନକହିବା ଭଲ । ଖରାଦିନ ହୋଇଥାଏ, ସେଦିନ କ୍ଲାସ ସାରି ପଟ୍ଟାମୁଣ୍ଡାଇ ରେ ପହଁଚିଲା ପରେ ଦେହ ଭଲ ଲାଗିଲାନି, ଅସୁସ୍ଥତା ଅନୁଭବ କଲି । ଘରେ କହିଲେ ଖରା ଦିନଟା ପୁଣି ଟ୍ରେକର ରେ ଭିଡରେ ଆସିଛୁ, ପଖାଳ ତୋରାଣି ଟିକେ ପିଇଦେ ଭଲ ଲାଗିବ । କିନ୍ତୁ ସେତେବେଳେ ମୋର ପଖାଳ ପ୍ରତି ଏତେ ଆଗ୍ରହ ନଥଏ । ତଥାପି ବୋଉ ର କଥା ମାନି ତୋରାଣି ପିଇଦେବାର କିଛି ସମୟ ପରେ ବହୁତ ଭଲ ଲାଗିଲା । ସେହି ଘଟଣା ପର ଠାରୁ ପଖାଳ ପ୍ରେମରେ ପଡିଯିବା ସ୍ୱାଭାବିକ । ପଖାଳ ଖାଇ କି କ୍ଲାସ ରେ ଶୋଇପଡିଲା ବେଳେ ସାର ଙ୍କ ଠାରୁ ଗାଳି ଶୁଣିବା ଆଉ ଏକ ଉପାଖ୍ୟାନ । ପଖାଳ ଓଡ଼ିଆ ଶବ୍ଦ ପଖାଳିବା/ପଖାଳିତ ରୁ ଆସିଛି ଯାହାର ଅର୍ଥ ଧୋଇବା । ଭାତ କୁ ଧୋଇ ସେଥିରେ ପାଣି ମିଶାଇ ପ୍ରସ୍ତୁତି କରାଯାଏ ତେଣୁ ଏହାର ନାମ ପଖାଳ । ପଖାଳ ହେଉଛି ଓଡିଶାର ଏକ ପାରମ୍ପରିକ ଖାଦ୍ୟ । ଅନେକ ହୁଏତ ପଖାଳ ଖାଇ ନଥିବେ କିନ୍ତୁ ପଖାଳ ଆମ ପାଇଁ କେତେ ଯେ ଉପକାରୀ ତାହା କେଉଁଠି ନା କେଉଁଠି ଶୁଣିଥିବେ କିମ୍ବା ପଢିଥିବେ ନିଶ୍ଚୟ । ବାସି ପଖାଳ ରୁ ଶରୀରକୁ ଶକ୍ତି ମିଳିଥାଏ ଓ ଦିନସାରା ବ୍ୟସ୍ତ ରହିଲେ ବି ଦୁର୍ବଳ ଲାଗେନା । ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବିଶେଷଜ୍ଞମାନେ ଅଧିକ ଜଳୀୟାଂଶ ଥିବା ଖାଦ୍ୟ ଖାଇବାକୁ ପ୍ରସ୍ତାବ ଦେଇଥାନ୍ତି ଯାହାକି ପଖାଳ ହେଉଛି ପ୍ରମୁଖ । ଆମର ଏହି ପାରମ୍ପରିକ ଖାଦ୍ୟ ଯୋଗୁଁ ଅନେକାଂଶରେ ଅଂଶୁଘାତକୁ ମଧ୍ୟ ପ୍ରତିରୋଧ କରିହେଉଛି । ଧନୀ ଗରିବ ସମସ୍ତଙ୍କ ର ପ୍ରିୟ ପଖାଳ । ପଖାଳ ଏକ ଏମିତି ଖାଦ୍ୟ, ଲୁଣ ଓ ଲଙ୍କାଟିଏ ସହିତ ମଧ୍ୟ ଖାଇ ହେଇଯାଏ । ପଖାଳ ସହ ଚୂନା ମାଛ ଓ ପରିବାପତ୍ର ଭଜା ଖାଇବାରେ ଆନନ୍ଦ ମିଳେ । ଆଉ ଯଦି ବସା ଦହି ଟିକେ ପଖାଳରେ ମିଶିଯାଏ, ତେବେ ଖାଇବାରେ ମଜା ଆସିଯାଏ । ପଖାଳ ସହିତ ଲୋକମାନେ ବିଭିନ୍ନ ପ୍ରକାରର ଚଟଣି ଯଥା ଧନିଆ, ନଡିଆ, ପୁଦିନା, ଆମ୍ବ, କରମଙ୍ଗା, ତେନ୍ତୁଳି ଓ ଆମ୍ବୁଲ ଖାଇବାକୁ ପସନ୍ଦ କରିଥାନ୍ତି । ପଖାଳ ସହିତ ସୁନୁସୁନିଆ, ଲେଉଟିଆ, କୋଶଳା, ମଦରଙ୍ଗା, ସଜନା, କଳମ ଆଦି ବିଭିନ୍ନ ପ୍ରକାରର ଶାଗଭଜା, ପଖାଳର ସ୍ୱାଦକୁ ବଢ଼ାଇ ଦେଇଥାଏ । ପଖାଳକୁ ଅଧିକ ଲୋକପ୍ରିୟ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖକୁ 'ବିଶ୍ୱ ପଖାଳ ଦିବସ' ରୂପେ ଓଡ଼ିଶାରେ ପାଳନ କରାଯାଉଛି । ଏହି ଦିନରେ ଦେଶ ବିଦେଶରେ ଥିବା ଓଡ଼ିଆଙ୍କୁ ପଖାଳ ଖାଉଥିବା ଦେଖିବାକୁ ମିଳେ । ଆଜିକାଲି ଲୋକମାନେ ପଖାଳ ସହ ନାନାଦି ଓଡ଼ିଆ ବ୍ୟନ ଖାଇ ସାମାଜିକ ଗଣମାଧ୍ୟମ ରେ ଫଟୋ ଛାଡ଼ିବାକୁ ପସନ୍ଦ କରୁଛନ୍ତି ଯାହା କି ସୂଚେଇ ଦେଉଛି ପଖାଳ ସହିତ ଲୋକମାନଙ୍କ ର ଅତି ନିବିଡ ସମ୍ପର୍କ । ପ୍ରଥା ଅନୁସାରେ ବର ସହ କନ୍ୟାଘରର ପାରସ୍ପରିକ ମଧୁର ସମ୍ପର୍କ ଆରମ୍ଭ ହୋଇଥାଏ ପଖାଳରୁ । ବାହାଘର ପରେ କନ୍ୟାଘରେ ବର ଗାଧୁଆ ସାରି ନୂଆ ପୋଷାକ ପିନ୍ଧି ଦହି-ପଖାଳ ଖାଇଥାଏ । ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ପାଖରେ ପଖାଳ ଭୋଗ ଲାଗେ । ଖାଲି ଆମେ କାହିଁକି ଆମର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ ବି ପଖାଳ ପ୍ରେମରେ । ପଖାଳ ଆମ ସଂସ୍କୃତି ଓ ପରମ୍ପରା ସହିତ ଅତି ନିବିଡ । ସାଧାରଣତଃ ବର୍ଷା ଓ ଶୀତ ଦିନେ ଥଣ୍ଡା, କଫ ଆଦି ରୋଗ ବଢିବାର ସମ୍ଭାବନା ବେଶୀ ଥାଏ । ତେଣୁ ଏହି ରୋଗୀ ମାନଙ୍କୁ ପଖାଳ ଖାଇବାକୁ ବାରଣ କରାଯାଇଥାଏ । ଗତ କିଛି ଦିନ ତଳେ ପଖାଳ ରେ ରୋଗ ପ୍ରତିରୋଧକ ଶକ୍ତି ଅଛି ବୋଲି ବହୁଳ ଭାବରେ ପ୍ରଚାରିତ ହେବାପରେ ଲୋକ ମାନଙ୍କ ଭିତରେ ପଖାଳ ଖାଇବା ପାଇଁ ଯେମିତି ପ୍ରତିଯୋଗିତା ଚାଲିଛି । ସମସ୍ତେ ଏଠି ପଖାଳ ପ୍ରେମରେ । ତେଣୁ ବିଭିନ୍ନ ରୋଗରେ ପୀଡିତ ଲୋକଙ୍କ ଉପରେ ବାସି ତୋରାଣିର କ'ଣ ପ୍ରଭାବ ଅଛି ତାହା ଜାଣିବା ନିତ୍ୟାନ୍ତ ଆବଶ୍ୟକ ।

ପଟାମୁଣ୍ଡାଇ,
କେନ୍ଦ୍ରାପଡା
ମୋ:୯୯୩୮୦୬୦୮୮୬

# ଇଦୁଲ୍-ଅଜ୍‌ହା ଏକ ମହାନ ପର୍ବ


**ମୌଲାନା ଫଜଲ ହକ ଖାଁ**

ପବିତ୍ର କୁରଆନ ହଦିସ ଓ ବାଇବେଲରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାରି ହଜାର ବର୍ଷପୂର୍ବେ ଆରବ ଭୂଖଣ୍ଡରେ ଘୋର ଅନ୍ଧ ବିଶ୍ୱାସର ବାତାବରଣ ଥିଲା । ଏକେଶ୍ୱରବାଦର କୌଣସି ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏ ଅନ୍ଧବିଶ୍ୱାସ ସେଠାକାର ସମାଜକୁ ସଂପୂର୍ଣ୍ଣ ଗ୍ରାସ କରିବାକୁ ଲାଗିଲା ଓ କୁସଂସ୍କାର ଜଳ ସ୍ଥଳେ ସର୍ବତ୍ର ବ୍ୟାପିଗଲା , ସେତେବେଳେ (ମୁସଲମାନ ଧର୍ମବିଶ୍ୱାସ ଅନୁଯାୟୀ) ଅଲ୍ଲାଃ ଚାହିଁଥିଲେ ଯେ ଲୋକମାନେ କେବଳ ତାହାଙ୍କ ନାମ ସ୍ମରଣ କରନ୍ତୁ । ମନୁଷ୍ୟ ଜୀବବଳି ପରି କୁପ୍ରଥାରୁ ଦୂରେଇ ଯାଆନ୍ତୁ ଓ ସେମାନେ ଯେପରି ନର୍କଗାମୀ ହେବାରୁ ବଂଚିତ ହୋଇଯାଆନ୍ତେ । ଫଳରେ ଅଲ୍ଲାଃ



ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଏକ ମହାନ ନାଟକର ସଂରଚନା କରିଥିଲେ, ଯାହା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ଏବଂ ବଳିଦାନର ପ୍ରକୃତ ଅର୍ଥ ପ୍ରକାଶ ପାଇଲା । ପ୍ରକୃତ କୁରବାନୀ କିପରି ହେବା ଦରକାର ତାହା ବୁଝାପଡ଼ିଲା । ସେଥିପାଇଁ ଆଜି ଆମେ 'କୁରବାନୀ ଇଦ' ପାଳନ କରୁଅଛେ । ମୁସଲମାନ ସମ୍ପ୍ରଦାୟର ଲୋକମାନେ ରମଜାନ ଇଦ୍‌ର ପରେ ଇଦୁଲ୍ ଅଜହା ପାଳନ କରନ୍ତି । ଆରବୀ ଭାଷାରେ "ଆଜ୍‌ହିଆ"ର ଅର୍ଥ "କୁରବାନୀ"ବଳିଦାନ ବା ତ୍ୟାଗ ।

ପବିତ୍ର କୁରଆନର ସୁରା ଅଲ୍-ସାଫାତ୍‌ରେ ବର୍ଣ୍ଣନା କରାଯାଇଛି, ଯେ ଇବ୍ରାହିମ୍ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ ଓ ଏକ ପୁତ୍ର ସନ୍ତାନ ପାଇବା ସକାଶେ ଦୁଆ କରିଥିଲେ । ଅଲ୍ଲାଃ ତାଙ୍କୁ ଏକ ସନ୍ତାନ ଜନ୍ମର ସୁସମ୍ବାଦ ଦେଇଥିଲେ । ତେବେ ସେହି ପୁତ୍ର ସନ୍ତାନ ଅଲ୍ଲାଃଙ୍କ କହିବାନୁଯାୟୀ ଜନ୍ମ ହୋଇ ବଢ଼ିବାକୁ ଲାଗିଲା । ଯେତେବେଳେ ଏହି ବାଳକ ଖେଳକୁଦର ବୟସରେ ଉପନିତ ହେଲା, ସେତେବେଳେ ହଠାତ୍ ଦିନେ ଅଲ୍ଲାଃ ଆପଣଙ୍କୁ ସ୍ୱପ୍ନ ଦ୍ୱାରା ନିର୍ଦ୍ଦେଶ ଦେଲେ, ଯେ 'ତୁ' ତୋର ଏହି ଅତିପ୍ରିୟ ସନ୍ତାନକୁ ବଳି ଦେ । ଏହାପରେ ଇବ୍ରାହିମ ଏହି ଖବର ନିଜ ପୁତ୍ର ଇସମାଇଲଙ୍କୁ ଶୁଣାଇଲେ । ସେହି ଭବ୍ୟ କୋମଳମତି ଆଜ୍ଞାବହ ସନ୍ତାନ ଉକ୍ତ କଥାରେ ସମ୍ମତି ପ୍ରଦାନ କରିଥିଲେ ଓ ଏହି ନିଷ୍ପତିରେ ଅଟଳ ରହିବାର ପ୍ରତିଜ୍ଞା କରିଥିଲେ । ତା'ପରେ ହଜରତ ଇବ୍ରାହିମ ନିଜ ପୁତ୍ର ଇସମାଇଲକୁ ବଳିଦେବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ଦୈବୀବାଣୀ ହେଲା, ହେ ଇବ୍ରାହିମ ! ତୁମେ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛ । ତୁମ ପାଇ ଏହା ଏକ ପରୀକ୍ଷା ଥିଲ। ତୁମେ ପ୍ରକୃତରେ ପୁନ୍ୟବାନ । ଏବଂ ତୁମେ ଏକ ଅଣ୍ଡିରା ମେଷକୁ ବଳିଦିଅ, ଯାହା ତୁମ ପୁତ୍ରବଳିର ପ୍ରତିବଦଳ ହେବ । ଅଲ୍ଲାଃ ତୁମକୁ ଉପଯୁକ୍ତ ପୁରସ୍କାର ଅବଶ୍ୟ ପ୍ରଦାନ କରିବେ ଏବଂ ତୁମ ଆଗାମୀ ବଂଶଧରଙ୍କ ପାଇଁ ଏହି ପୂର୍ଣ୍ୟକର୍ମ ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିବ। ଯେହେତୁ ସେତେବେଳେ ମଣିଷ ବଳିର ପ୍ରଚଳନ ଥିଲା, ତେଣୁ ହଜରତ ଇବ୍ରାହିମ ମଧ୍ୟ ଭ୍ରମରେ ପଡ଼ିଯାଇ ନିଜ ପୁତ୍ରକୁ ବଳି ଦେବାପାଇଁ ନେଇ ଯାଇଥିଲେ । କିନ୍ତୁ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ହଜରତ ଇବ୍ରାହିମ ପୁତ୍ରବଳି ପରିବର୍ତେ ମେଷବଳି ଦେଇଥିଲେ, ସେହି ସମୟ ଠାରୁ ପଶୁବଳି ପ୍ରଥା ପ୍ରଚଳନ କରିଥିଲେ ଏବଂ ମନୁଷ୍ୟବଳି ସବୁଦିନ ପାଇଁ ବନ୍ଦ କରି ଦେଇଥିଲେ । ଏହାପରେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ଏଭଳି ଅନ୍ଧବିଶ୍ୱାସର ଉଦ୍ରେକ ହୋଇଥିଲା, ହଜରତ ଇବ୍ରାହିମ୍‌ଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଏହାର ପ୍ରବଳ ବିରୋଧ କରିଥିଲେ । ଜଣେ ମୂର୍ତି ତିଆରି କରୁଥିବା ବାପର ପୁତ୍ର ହୋଇ ମଧ୍ୟ ହଜରତ ଇବ୍ରାହିମ



ଏକ ନିରାକାର ପ୍ରଭୁଙ୍କର ଭକ୍ତ ହୋଇ ପାରିଥିଲେ । ନରବଳିକୁ ଉଚ୍ଛେଦ କରି ପଶୁବଳି ପ୍ରଚଳନ କରିଥିଲେ । ତେଣୁ ବଡ଼ବଡ଼ ଧର୍ମ ସଂପ୍ରଦାୟରେ ହଜରତ ଇବ୍ରାହିମ୍‌ଙ୍କୁ ଜଣେ ସଂସ୍କାରକ ଓ ଯୁଗ ପ୍ରବର୍ତକ ଭାବରେ ସମ୍ମାନ ଦିଆଯାଉଛି ଏବଂ ଇସଲାମ ଧର୍ମରେ ତାଙ୍କୁ ନବି(ଅବତାର)ଙ୍କ ସ୍ଥାନ ଦିଆଯାଇଛି । ମୁସଲମାନ ମାନେ ଯେତେବେଳେ ହଜରତ ମୁହମ୍ମଦ ସଲ୍ଲମଙ୍କୁ ଦରୁଦ୍ ପଠାଇଥାନ୍ତି, ସେତେବେଳେ ହଜରତ ଇବ୍ରାହିମଙ୍କ ନାମ ମଧ୍ୟ ନେଇଥାନ୍ତି । ଦୈବୀବାଣୀ ପରେ ଆଉ ଏକ ଘଟଣା ଘଟିଥିଲା । ଯାହାଦ୍ୱାରା ହଜରତ ଇବ୍ରାହିମଙ୍କୁ ନିଜ ପତ୍ନୀ ଓ ପୁତ୍ରଙ୍କ ଠାରୁ ପୃଥକ ହେବାକୁ ପଡ଼ିଥିଲା । ଏହା ମଧ୍ୟ ଅଲ୍ଲାଃଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିଲା । କିଛି ଲୋକ ହଜରତ ଇବ୍ରାହିମଙ୍କୁ ଏକ ସତ୍ୟବାଦୀ ପୁରୁଷ ଭାବେ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯେହେତୁ ହଜରତ ଇବ୍ରାହିମ ଏକେଶ୍ୱରବାଦର ପ୍ରଚାର କରୁଥିଲେ, ଅନୁଗାମୀମାନେ ଏହାକୁ ସତ୍ୟ ସିଦ୍ଧାନ୍ତ ଭାବେ ଗ୍ରହଣ କରିଥିଲେ ।ହଜରତ ଇବ୍ରାହିମଙ୍କୁ ଅଲ୍ଲାଃ ନିର୍ଦ୍ଦେଶ ଦେଲେ ଯେ ତୁମେ ନିଜ ପତ୍ନୀ ହଜରତ ହାଜ୍‌ରାଙ୍କୁ ଓ ପୁତ୍ର ହଜରତ ଇସମାଇଲଙ୍କୁ ନେଇ ଏକାନ୍ତରେ ଛାଡ଼ିଆସ । ସେ ଅଲ୍ଲାଃଙ୍କ ଆଜ୍ଞା ପାଳନ କରି ତାହା ହିଁ କରିଥିଲେ । ଛଅ ବର୍ଷର ପୁତ୍ର ଓ ହଜରତ ହାଜରାଙ୍କୁ ସାଙ୍ଗରେ ନେଇ ଏକ ନିର୍ଜନ ବାଲୁକାମୟ ମରୁଭୂମିରେ ଛାଡ଼ି ଆସିଲେ । ଏହି ଘଟଣା ଆଉ ଏକ ସତ୍ୟ ଘଟଣାର ସୂତ୍ରପାତ କଲା । ନିଜ ପତ୍ନୀ ଓ ପୁଅକୁ ଆରବର ମକ୍କା ମରୁପ୍ରାନ୍ତରେ ଛାଡ଼ି ଆସିବା ପରେ ସେଠାରେ ମାତା ଓ ପୁତ୍ରଙ୍କର ବଂଚିବାର ଏକମାତ୍ର ସମ୍ବଳ ଥିଲା, ଅଳ୍ପ ପାଣି ଓ କିଛି ଖଜୁରୀ କୋଳି । ହଜରତ ଇବ୍ରାହିମ ଘର ମୁହାଁ ହେଲା ବେଳେ ପତ୍ନୀ ହାଜରା ପଚାରିଥିଲେ, ଏପରି କରିବାର ଉଦ୍ଦେଶ୍ୟ କ'ଣ ? ବାରମ୍ବାର ଏହି ପ୍ରଶ୍ନ କରନ୍ତେ ହଜରତ ଇବ୍ରାହିମ ଲୋକତପୂର୍ଣ୍ଣ ଚକ୍ଷୁରେ ଉପରକୁ ଇଙ୍ଗିତ କରିଥିଲେ । ହଜରତ ହାଜରା ବୁଝିପାରିଲେ ଯେ ଏହା ଆଲ୍ଲାଃଙ୍କ ନିର୍ଦ୍ଦେଶ । ସେ କହିଲେ, "ଯଦି ଏହା ଅଲ୍ଲାଃଙ୍କର ଇଚ୍ଛା, ତେବେ ଆପଣ ଆମକୁ ନିଶ୍ଚିତ ହୋଇ ଏଠାରେ ଛାଡ଼ି ଯାଆନ୍ତୁ। ଅଲ୍ଲାଃ ଆମକୁ କେବେହେଲେ ନଷ୍ଟ କରିବେ ନାହିଁ ।" କିଛି ଦିନପରେ ପାଖରେ ଥିବା ଖଜୁରୀ କୋଳି ଓ ପାଣି ସରିଗଲା । ଶିଶୁ ପୁତ୍ର ଇସମାଇଲଙ୍କୁ ପ୍ରବଳ ଶୋଷ ହେଲା ଓ ସେ କାନ୍ଦିବାକୁ ଲାଗିଲେ । ହଜରତ ହାଜରା ଅତି ବ୍ୟାକୁଳ ହୋଇ ଅନତି ଦୂରରେ ଥିବା ଦୁଇଟି ପାହାଡ଼ "ସଫା" ଏବଂ "ମର୍‌ୱା" ଉପରେ ସାତଥର ଚଢ଼ି ପାଣି ଖୋଜିଲେ । କୌଣସି ସ୍ଥାନରେ ପାଣିର ସନ୍ଧାନ ମିଳିଲା ନାହିଁ । ହଜରତ ହାଜରା ଆର୍ତନାଦ କରିଥିଲେ" କ'ଣ ଅଲ୍ଲାଃଙ୍କର



କେହି ପୁଣ୍ୟବନ୍ତ ଭକ୍ତ ଅଛି, ଯେ ଆମକୁ ପାଣି ଯୋଗାଇ ପାରିବ ?" ସେତେବେଳେ ଦୈବୀବାଣୀ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା ଯେ ତୁମ ସନ୍ତାନର ଆବଶ୍ୟକତା ପୂରଣ ହୋଇଯାଇଛି । ସତକୁ ସତ ସେ ପାହାଡ଼ରୁ ତଳକୁ ଓହ୍ଲାଇ ଦେଖିଲେ ଯେ ହଜରତ ଇସମାଇଲଙ୍କ ଗୋଇଠି ଘର୍ଷଣରୁ ବାଲି ମଧ୍ୟରୁ ଏକ କ୍ଷୁଦ୍ର ଝରଣା ସୃଷ୍ଟି ହୋଇଛି । ସେମାନେ ସେହି ଝରଣା କୂଳରେ ନିଜର ଡ଼େରା ପକାଇଲେ । କ୍ରମଶଃ ସେହି ସ୍ଥାନ ବଣିକମାନଙ୍କର ମଧ୍ୟ ଏକ ବିଶ୍ରାମଗାରରେ ପରିବର୍ତିତ ହେଲା । ଏହି ସ୍ଥାନକୁ ଏକ ପବିତ୍ର ସ୍ଥାନ ରୂପେ ଗ୍ରହଣ କରାଯାଏ ଓ ଏଠାରୁ ଯେଉଁ ପାଣି ବାହାରିଥିଲା, ପରବର୍ତୀ ସମୟରେ ତାହା ଏକ ଝରଣାରେ ପରିଣତ ହେଲା । ଏବଂ ଏହା''ଆବେ ଜମ୍ ଜମ୍"(ଅର୍ଥାତ୍ ଏ ପାଣି ତୁ ଅଟକି ଯା') ନାମରେ ବିଖ୍ୟାତ ।କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି "ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ।'' ହଜରତ ଇବ୍ରାହିମଙ୍କ ସମୟରେ ପଶୁବଳି ପ୍ରଥା ପ୍ରଚଳିତ ହୋଇଥିଲା । ଏହାକୁ ସେ ସମୟର ଖ୍ରୀଷ୍ଟିଆନ ଓ ୟହୁଦୀ ଧର୍ମାଲମ୍ବୀମାନେ ମଧ୍ୟ ଗ୍ରହଣ କରିଥିଲେ । ପରବର୍ତୀ ସମୟରେ ଏହି ପଶୁବଳି ପ୍ରଥାକୁ ହଜରତ ମହମ୍ମଦ ସଲ୍ଲମ ନୀୟମିତ ରୀତିରେ ପରିଣତ କରିଥିଲେ । ସମସ୍ତ ହଜ ଯାତ୍ରୀଙ୍କ ସକାଶେ ପଶୁବଳି ଦେବା ଧାର୍ଯ୍ୟ କରି ଦିଆଗଲା । ସମଗ୍ର ମୁସଲମାନମାନଙ୍କ ପାଇଁ କୁରବାନୀ କରିବାକୁ ଏକ ଆଦର୍ଶ ଭାବେ ଗ୍ରହଣ କରାଗଲା ।କେତେକ ଅନୁଚରଙ୍କ ପ୍ରଶ୍ନର ଉତର ଦେଇ କୁରବାନୀର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଯେ 'ଏହା ହେଉଛି ସୁନ୍ନତ୍(ମୋର ଅନୁସୃତ ପନ୍ଥା) । ଏହାପରେ ଅଲ୍ଲାଃ ପବିତ୍ର କୋରାନର ସୁରା ଅଲ୍ ହଜରେ ଏହି ଆୟତ ଅବତୀର୍ଣ୍ଣ କଲେ "ତୁମ୍ଭମାନଙ୍କ କୁରବାନୀ ପଶୁର ମାଂସ ବା ରକ୍ତ ଅଲ୍ଲାଃଙ୍କ ଠାରେ ଗୃହୀତ ହୁଏ ନାହିଁ । ଯାହା ଗୃହୀତ ହୁଏ, ତାହା ହେଉଛି ଅଲ୍ଲାଃଙ୍କ ପ୍ରତି ଭକ୍ତି ।" ଅନ୍ୟ ଧର୍ମାବଲମ୍ବୀଙ୍କର କୁରବାନୀ ପ୍ରଥାଠାରୁ ଇସଲାମୀ କୁରବାନୀ ପ୍ରଥାରେ ପାର୍ଥକ୍ୟ ରହିଛି । ହଜରତ ମୁହମ୍ମଦ ସଲ୍ଲମଙ୍କ ଶିକ୍ଷାରେ ଅନୁପ୍ରାଣୀତ ହୋଇ ଏଯୁଗର କଳକୀ ଅବତାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ନିଜ ପୁସ୍ତକ "ଖୁତ୍‌ବା ଇଲ୍‌ହାମିଆ"ରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁବ୍ୟକ୍ତି ନିଜକୁ ଅଲ୍ଲାଃ ପାଖରେ ଆତ୍ମ ସମର୍ପଣ କରିଦିଏ... । ସେ ହିଁ ପ୍ରକୃତ ମୁସଲମାନ ପଦବାଚ୍ୟ। ସୁତରାଂ ଏହି ଇଦ୍‌ର ଶିକ୍ଷା ହେଉଛି ତ୍ୟାଗର ମନଭାବ ନେଇ ପ୍ରଥମେ କିଛି ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କର । ଏହାପରେ ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ । ଇଦୁଲ୍ ଅଜିହା ଆମକୁ କେବଳ ପଶୁବଳି ଦେବାର ଶିକ୍ଷା ଦେଇନଥାଏ,ବରଂ ଆମେ ନିଜର ଧନ-ଜନ, ମାନ-ସମ୍ମାନ, ଓ ସମୟର କୁରବାନୀ ଦେଇ ଅଲ୍ଲାଃଙ୍କ ସାନିଧ ହାସଲ କରିବା ଓ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବାର ପାଇଁ ମଧ୍ୟ ଶିକ୍ଷା ଦେଇଥାଏ । ଏହାହିଁ ହେଉଛି, ସମୟର ଆହ୍ୱାନ ।

ୟୁନିଟ-୪,ଭୁବନେଶ୍ୱର
୯୬୯୨୨୨୫୦୫୭




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତ୍ତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତ୍ତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

## ବ୍ଲେଣ୍ଡର୍ସ ପ୍ରାଇଡ ପକ୍ଷରୁ ଡିଜାଇନର ମନିଷ୍ ମଲହୋତ୍ରାଙ୍କ ସହିତ ଲିମିଟେଡ୍ ଏଡିସନ୍ ପ୍ୟାକ୍‌ର ଶୁଭାରମ୍ଭ

ଜୁଲାଇ : ପ୍ରିମିୟମ ହ୍ୱିସ୍କି ବର୍ଗରେ ଅଦ୍ୱିତୀୟ ଲିଡର, ସିଗ୍ରାମର ବ୍ଲେଣ୍ଡର୍ସ ପ୍ରାଇଡ୍ ଏହାର ଲିମିଟେଡ୍ ଏଡିସନ ପ୍ୟାକକୁ ପ୍ରସିଦ୍ଧ ଡିଜାଇନର ମନିସ୍ ମଲହୋତ୍ରାଙ୍କ ସହଯୋଗରେ ପ୍ରସ୍ତୁତ କରିଛି। ଏହି ଲିମିଟେଡ୍ ଏଡିସନ ପ୍ୟାକ ଡିଜାଇନରଙ୍କ ସୁନ୍ଦର ଶିଳ୍ପର ପ୍ରତିନିଧିତ୍ୱ କରିଥାଏ ଏବଂ ଗ୍ରାହକମାନଙ୍କୁ 'ଷ୍ଟାରଡମ୍ ର ସ୍ୱାଦ' ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି । ଏହି ପ୍ୟାକ୍ ଏକ ସୁନ୍ଦର ଷ୍ଟାଇଲ ସୃଷ୍ଟି କରୁଛି, ଯାହାକି 'ମାଇଁ କ୍ରାଫ୍ଟ, ମାଇଁ ପ୍ରାଇଡ' କୁ ଦର୍ଶାଇଥାଏ। ଏହାକୁ ସ୍ମୁଥ ବ୍ଲେଣ୍ଡ୍‌ରେ ଦକ୍ଷତାପୂର୍ଣ୍ଣ ଭାବରେ ପ୍ରସ୍ତୁତ କରାଯାଇଛି। ଦକ୍ଷତାର ସହିତ ପ୍ରସ୍ତୁତ ସ୍ମୁଥ ବ୍ଲେଣ୍ଡ୍ ଦ୍ୱାରା ଅନୁପ୍ରେରିତ ଏହି ଲିମିଟେଡ୍ ଏଡିସନ ପ୍ୟାକରେ ରହିଛି ୱାର୍ମ ମେଟାଲିକ୍ ଆକ୍ସେସ୍ ଓ ଟୋନ୍ସ ଯାହା ଗ୍ଲାମର, ସେଲିବ୍ରେସନ ଏବଂ ଲାଇଫଷ୍ଟାଇଲର ଭାବନା ସୃଷ୍ଟି କରେ। ମନିଷ ମଲହୋତ୍ରାଙ୍କ ୩୦ ବର୍ଷର ଅଭିଜ୍ଞତା ସମ୍ବଳିତ ପ୍ୟାକ୍ କୁ ଅତ୍ୟ' ସୁନ୍ଦର ଭାବରେ ପ୍ରଦର୍ଶିତ କରାଯାଇଛି। ବ୍ଲେଣ୍ଡର୍ସ ପ୍ରାଇଡର ଏହି ଲିମିଟେଡ୍ ଏଡିସନ ପ୍ୟାକଟି ହୁଇସ୍କି ବିଶେଷଜ୍ଞଙ୍କ ପାଇଁ ୧୫ ଟି ବଜାରରେ ଉପଲବ୍ଧ ଅଟେ। ଏହି ଲିମିଟେଡ୍ ଏଡିସନ ପ୍ୟାକର ଶୁଭାରମ୍ଭ ଅବସରରେ କାର୍ତିକ ମହିନ୍ଦ୍ରା, ଚିଫ୍ ମାର୍କେଟିଂ ଅଫିସର, ପର୍ଣ୍ଣଡ ରିକାର୍ଡ଼ ଭାରତ କହିଛନ୍ତି ଯେ, ''ବ୍ଲେଣ୍ଡର୍ସ ପ୍ରାଇଡ୍ ର ଲିମିଟେଡ୍ ଏଡିସନ ପ୍ୟାକ ପ୍ରତିଷ୍ଠିତ ବିଶ୍ୱ ପୁରସ୍କାର ବିଜେତା ଫାଇନ୍ ହୁଇସ୍କି ଏବଂ ପ୍ରସିଦ୍ଧ ଡିଜାଇନର ମନିଷ ମଲହୋତ୍ରା ସହିତ ଆମର ସହଯୋଗ ଉଭୟ ଜରିଆରେ, ସମୃଦ୍ଧ ଶିଳ୍ପକୌଶଳର ଉଦାହରଣ ଅଟେ।

# ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଉପଲକ୍ଷେ ଜେ ଏସ୍ ଏଫ୍ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ







ଭୁବନେଶ୍ୱର : ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ ବିଶ୍ୱ ଜନସଂଖ୍ୟା ଦିବସ ପାଳନ ଅବସରରେ ଜେ.ଏସ୍.ଏଫ୍ ପକ୍ଷରୁ ଉତ୍କଳ ସାମ୍ବାଦିକ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଜେ.ଏସ୍.ଏଫ୍‌ର ସର୍ବଭାରତୀୟ ସଭାପତି ଅନିଲ୍ ଚୌଧୂରୀଙ୍କ ନିର୍ଦ୍ଦେଶ କ୍ରମେ ଭାରତରେ ସବୁ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଆଇନ୍‌କୁ ବାଧ୍ୟତାମୂଳକ କରି ଆଇନ୍ ପ୍ରଣୟନ କରିବାକୁ ସବୁ ଜିଲ୍ଲାର ଜିଲ୍ଲାପାଳମାନଙ୍କ ଜରିଆରେ ଜନସଂଖ୍ୟା ସ୍ଥିରତା ପକ୍ଷ (ଚଳିତମାସ ଜୁଲାଇ ୧୧ରୁ ଜୁଲାଇ ୨୪) ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବାର ନିଷ୍ପତି ନିଆଯିବା ସହ ଜୁଲାଇ ୯ ତାରିଖ ପୂର୍ବାହ୍ନ ୧୧ଟା ସମୟରେ ବିଏମ୍‌ସି କମିଶନରଙ୍କ ଜରିଆରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ଏସଂକ୍ରାନ୍ତିରେ ଦାବିପତ୍ର ପ୍ରଦାନ କରାଯାଇ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବାର ନିଷ୍ପତି ନିଆଯାଇଛି ବୋଲି ଜେ.ଏସ୍.ଏଫ୍‌ର ରାଜ୍ୟ ସଭାପତି ବିପିନ୍ ଦାସ କହଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଭାରତରେ ଅସନ୍ତୁଳିତ ଜନସଂଖ୍ୟା ବିସ୍ଫୋରଣ କେବଳ ସାମାଜିକ ସମସ୍ୟା ତିଆରି କରୁନାହିଁ ତା' ସହିତ କୁପୋଷଣ, ଅପପୃଷ୍ଟି ଆଦି ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଅପରାଧ, ଆତଙ୍କବାଦ, ପାନୀୟ ଜଳର ଅଭାବ, ଗରିବୀ, ପରିବେଶ ପ୍ରଦୂଷଣ, ଜଳବାୟୁରେ ପରିବର୍ତନ, ବେକାରୀ ସଂଖ୍ୟା ବୃଦ୍ଧି, ଜଙ୍ଗଲ ନଷ୍ଟ ହେବା ସାଙ୍ଗକୁ କୃଷି ଜମିର ପରିମାଣ ତୀବ୍ର ଗତିରେ କମିବାରେ ଲାଗିଛି । ବିପୁଳ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଆମ ଦେଶର ସରକାର ପ୍ରଦାନ କରୁଥିବା ଜନହିତକାରୀ ଯୋଜନାଗୁଡିକ ସମସ୍ତଙ୍କ ନିକଟରେ ପହଂଚିପାରୁନାହିଁ । ଯାହାର ସଦ୍ୟ ଉଦାହରଣ ହେଉଛି ମହାମାରୀ କରୋନା ପ୍ରତିଷେଧକ ବ୍ୟବସ୍ଥା ଓ ସଚେତନତା । ଏହାଛଡା ଜନସଂଖ୍ୟାର ସୁଚିନ୍ତିତ ବିସ୍ଫୋରଣ ଆଗାମୀ ଦିନରେ ଆମ ଦେଶରେ ସନାତନ ଧର୍ମ ଓ ହିନ୍ଦୁ ସଂସ୍କୃତିକୁ ଇତିହାସରେ ପରିଣତ କରିଦେବା ଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ଜନସଂଖ୍ୟା ବିସ୍ଫୋରଣ ରୋକିବା ପାଇଁ ଆମର ଏହି ଜନସଂଖ୍ୟା ସମାଧାନ ଫାଉଣ୍ଡେସନ୍ ନାମକ ସଂସ୍ଥା ବିଗତ ତେରବର୍ଷ ହେଲା ଦେଶର ପ୍ରାୟ ସବୁ ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବା ସହ ବିଭିନ୍ନ ସମୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସିଛି । ଜନ ସଚେତନତା ଓ ସ୍ଥାନୀୟ ସରକାରଙ୍କ ଆଗ୍ରହ ଯୋଗୁଁ ଉତରପ୍ରଦେଶ ଓ ଆସାମରେ ସବୁ ନାଗରିକଙ୍କ ପାଇଁ ଦୁଇ ସନ୍ତାନ ନୀତି ପ୍ରଣୟନ କରିବାକୁ ସେଠାକାର ସରକାର ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଠିକ୍ ସେହିପରି ଆମ ରାଜ୍ୟରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଜେ.ଏସ୍.ଏଫ୍ ବିଗତ ଏକବର୍ଷ ହେଲା ବିଭିନ୍ନ ସ୍ଥାନରେ ବିକ୍ଷୋଭ, ସେମିନାରମାନ ଆୟୋଜିତ କରିଛି ଏବଂ ଏଥିସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ଦାବୀପତ୍ର ମଧ୍ୟ ପ୍ରଦାନ କରିଛି । ଏହି ସମ୍ବାଦିକ ସମ୍ମିଳନୀରେ ଜେ.ଏସ୍.ଏଫ୍ ରାଜ୍ୟ ସଭାପତି ଶ୍ରୀ ଦାସଙ୍କ ସମେତ ସଙ୍ଗଠନର ରାଜ୍ୟ ସାଧାରଣ ସମ୍ପାଦକ ଦିଲ୍ଲୀପ ସ୍ୱାଇଁ ଏବଂ ସୂର୍ଯ୍ୟ ନାରାୟଣ ଦାସ, ରାଜ୍ୟ ସଙ୍ଗଠନ ସମ୍ପାଦକ ମିହିର ପାଣି, ସହ ସଂଯୋଜିକା ସିପ୍ରା ହୀରା, ରାଜ୍ୟ ଉପସଭାପତି ସରୋଜ ସାହୁ, ସଙ୍ଗଠନର ଯୁବ ସାମ୍ମୁଖ୍ୟ ସଭାପତି ସୁଶୀଳ ଛୁଆଳସିଂ ଓ କାର୍ଯ୍ୟକାରୀ ସଭାପତି ଶ୍ରୀକୁମାର ପୁରୋହିତ, ରାଜ୍ୟ ସୋସିଆଲ୍ ମିଡିଆ ପ୍ରଭାରୀ ଦିଲ୍ଲୀପ ସାହୁ, ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ସଭାପତି ଅଜୟ ସାମନ୍ତିରାୟ, ଜିଲ୍ଲା ସାଧାରଣ ସମ୍ପାଦକ ସୁରେଶ ମହାରଣା , କଟକ ଜିଲ୍ଲାର ସଭାପତି ବସନ୍ତି କୁମାର ସାହୁ ଏବଂ ଖୋର୍ଦ୍ଧା ଜିଲ୍ଲାର ସଭାପତି ଜୟନ୍ତି ଶିଶୁ ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

## କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ବାଲେଶ୍ୱର ବାସୀଙ୍କ ପକ୍ଷରୁ ବଧାଇ

ବାଲେଶ୍ୱର: ମହାବାତ୍ୟା ସମୟରେ ବାଲେଶ୍ୱରରେ ଜିଲ୍ଲାପାଳ ଥିବା ଅଶ୍ୱିନୀ କୁମାର ବୈଷ୍ଣବ ଏବେ ବି ବାଲେଶ୍ୱର ବାସୀଙ୍କର ସ୍ମରଣୀୟ ହୋଇ ରହିଛନ୍ତି। ଓଡ଼ିଶା ବିଧାନ ସଭାରୁ ରାଜ୍ୟ ସଭାକୁ ସଦସ୍ୟ ଭାବେ ନିର୍ବାଚିତ ହୋଇ ବର୍ତ୍ତମାନ କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ଗୁରୁତ୍ୱ ପୂର୍ଣ୍ଣ ବିଭାଗ ରେଳବାଇ ଓ ଆଇଟି ବିଭାଗରେ ମନ୍ତ୍ରୀ ପଦରେ ନିଯୁକ୍ତି ପାଇଥିବା ଶ୍ରୀଯୁକ୍ତ ବୈଷ୍ଣବଙ୍କ ପାଖରୁ ବେଶ ବହୁତ କିଛି ଆଶା କରୁଛି। ବିଶେଷ କରି ବାଲେଶ୍ୱରରେ ସେ ଜିଲ୍ଲାପାଳ ଥିଲା ବେଳେ ଅନେକ ଉନ୍ନତି ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରି ଜନତାଙ୍କ ବେଶ ଆସ୍ଥାଭାଜନ ହୋଇଥିଲେ। ତାଙ୍କୁ ଏବେ ଯେଉଁ ଗୁରୁ ଦାୟିତ୍ୱ ମିଳିଛି ସେଥି ନେଇ ଓଡ଼ିଶା ସମ୍ମିଳିତ କର୍ମଜୀବି ସାମ୍ବାଦିକ ସଂଘ ବାଲେଶ୍ୱର ଜିଲ୍ଲା ଶାଖା ସଭାପତି ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ସମ୍ପାଦିକା ଅପର୍ଣ୍ଣା ପଣ୍ଡା, ସୁଶାନ୍ତ ପ୍ରଧାନ, ତାପସ କୁମାର ସାହୁ, ଭୁପତି ପରିଡ଼ା, କବିତାବାଳା ମାନ୍ଧାତା, ଜୟଶ୍ରୀ ବିଶ୍ୱାଳ, କଞ୍ଚମଣି ସ୍ୱାଇଁ ଓ ସର୍ବଭାରତୀୟ ସଭାପତି ଡ଼. ପିତବାସ ମିଶ୍ର, ରାଜ୍ୟ ସଭାପତି ଭାଗବତ ତ୍ରିପାଠି, ସାଧାରଣ ସମ୍ପାଦକ ତପନ ମହାରଣ୍ୟ ଶର୍ମା, ଅର୍ଜୁନ ମୁଦୁଲି ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ କରିଛନ୍ତି। ଓଡ଼ିଶା ରେଳବାଇ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ନେବା ସାଙ୍ଗକୁ ରାଜ୍ୟ ତଥା ସର୍ବଭାରତୀୟ ସାମ୍ବାଦିକମାନଙ୍କୁ ରେଳ ଯାତ୍ରାରେ ସ୍ୱତନ୍ତ୍ର ରିହାତି ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି।

# ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ




ବାରିପଦା: ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପରିସରରେ ବିଭିନ୍ନ ପ୍ରଜାତିର ଫଳ ଚାରା ରୋପଣ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ବାରିପଦା ଡିଭିଜନାଲ ଫରେଷ୍ଟ ଅଫିସର ସଂ୍ତୋଷ କୁମାର ଜୋଷୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ସେ ନିଜେ ମହାବିଦ୍ୟାଳୟ ପରିସରରେ ଫଳ ଚାରା ରୋପଣ କରିବା ସହିତ ବୃକ୍ଷ ହିଁ ଜୀବନ ବୋଲି କହିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଛାତ୍ରଛାତ୍ରୀମାନେ ବନ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ଚାରାକୁ ନେଇ ନିଜ ନିଜ ବାଡି ବଗିଚାରେ ଲଗାଇବାକୁ ପରାମର୍ଶ ଦେଇଥିଲେ । ପିଠାବଟା ରେଞ୍ଜର ଲକ୍ଷ୍ମୀଧର ବେହେରା ଏବଂ ଫରେଷ୍ଟ ଗାର୍ଡ କୃଷ୍ଣଚନ୍ଦ୍ର ଦେ ଚାରା ରୋପଣ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ କୁମାର ଦାସ ଏବଂ ମୟୂରଭ ଜିଲ୍ଲା ଏନ.ଏସ.ଏସ. କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାସ ଛାତ୍ରଛାତ୍ରୀମାନଙ୍କର ଚାରା ରୋପଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ ନାୟକ, ଉପାଧକ୍ଷା ସଂଘମିତ୍ରା ରାଉତ, ଅଧାପିକା ସାଗରୀକା ପଣ୍ଡା, ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ମୀରା ସେନାପତି ଏବଂ ବିଜୟା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷସ୍ପ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢ଼ିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଂକ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ଆଇନ୍ ମହାବିଦ୍ୟାଳୟରେ ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ପାଳିତ

କେନ୍ଦ୍ରାପଡ଼ା : ସମାଜବାଦୀ ଚିନ୍ତାଧାରାର ସତ୍ୟନିଷ୍ଠ ପ୍ରବକ୍ତା, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ପ୍ରତୀକ ଓ ବିଶିଷ୍ଟ ଆଇନଜୀବୀ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତିଙ୍କ ୯୪ତମ ଜୟନ୍ତୀ ଉତ୍ସବ କୋଭିଡ-୧୯ କଟକଣା ମଧରେ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟରେ ଅଧକ୍ଷ ଡଃ. ନରହରି ଲେଙ୍କାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି। 'ଲଙ୍ଗଳ ଯାହାର ଜମି ତାହାର' ଆହ୍ୱାନ ଦେଇ ସେ ଗରିବ କୃଷକମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଜମିଦାରମାନଙ୍କର ନିର୍ଯ୍ୟାତନାର ଶିକାର ହୋଇଥିଲେ । ପରବର୍ତ୍ତୀ ସମୟରେ ଓଡିଶା ଭାଗଚାଷ ଆଇନ୍ ପ୍ରଣୟନର ମୁଖ୍ୟ ପୁରୋଧା ହୋଇ ଗରିବ ଭାଗଚାଷୀମାନଙ୍କ ଅଧିକାର ସାବ୍ୟସ୍ତ କରାଇବାରେ ଯେଉଁ ସଫଳତା ହାସଲ କରିଥିଲେ ତାହା ଚିର ସ୍ମରଣୀୟ ହୋଇ ରହିବ । ମହାବିଦ୍ୟାଳୟର ଅଧାପକ ଶରତ ଚନ୍ଦ୍ର ସାହୁ, ଡଃ. ଚିରଞ୍ଜିବୀ ପଣ୍ଡା, ତିମିରକାନ୍ତ ପରିଜା, ରାଜକିଶୋର ମହାନ୍ତି, ବରିଷ୍ଠ କର୍ମଚାରୀ କୃପାସିନ୍ଧୁ ସାହୁ ଓ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ଶେଷରେ ଅବନୀ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶାରଦା ପ୍ରସାଦ ମହାନ୍ତି, ରମେଶ ଚନ୍ଦ୍ର ପଲାଇ, ଅଭୟ କୁମାର ମହାନ୍ତି, ଇବ୍ରାର୍ ଖାଁ, ରମେଶ କୁମାର ସ୍ୱାଇଁ, ବଳରାମ ଦାସ, କେଶବ ଗୋଚ୍ଛାୟତ, ରାମ ବାହାଦୁର୍, ବିଶୋକ ମହାନ୍ତି, ଆପସନା ବେଗମ୍ ଓ ବାସନ୍ତି ରଣା ସଭା ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଦୁହୁରିଆସ୍ଥ କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ ଓ କଲେଜ ପରିସରରେ ବୃକ୍ଷରୋପଣ କରାଯାଇଥିଲା।

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷସ୍ପ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷସ୍ପ;ରନେଟ ଅଫ୍ ଥିଙ୍ଗସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ଚଣ୍ଡିଖୋଲ ଟ୍ରାଫିକ୍ ଥାନାରେ ଯୋଗଦେଲେ ନୂତନ ଅଧିକାରୀ

ଧର୍ମଶାଳା: ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ଟ୍ରାଫିକ୍ ଥାନାର ଥାନା ଅଧିକାରୀ ଭାବେ ଶ୍ରମଣ କୁମାର ମହାରଣା ଯୋଗ ଦେଇଛନ୍ତି। ସେ ଗଜପତି ଜିଲା ରାୟଗଡା ଥାନାରେ କାର୍ଯ୍ୟ କରୁଥିବା ବେଳେ ବଦଳି ହୋଇ ଚଣ୍ଡିଖୋଲ ଟ୍ରାଫିକ୍ ଥାନାକୁ ଆସିଛନ୍ତି। ପୂର୍ବରୁ ଟ୍ରାଫିକ୍ ଥାନାଧିକାରିଣୀ ଭାବେ ବିଜୟିନୀ ମଲ୍ଲ ଦାୟିତ୍ୱ ତୁଲାଉ ଥିଲେ । ତାଙ୍କର ବାଲିଚନ୍ଦ୍ରପୁର ଥାନାକୁ ବଦଳି ହେବା ପରେ ଟ୍ରାଫିକ୍ ଥାନାଧିକାରୀ ପଦବୀ ଖାଲି ପଡିଥିଲା ।




## ଜଗନ୍ନାଥପ୍ରସାଦ ସୈରାତ ବାତିଲ ଧାରଣା ସ୍ଥଗିତ, ବୈଷୟିକ କମିଟିର ଅନୁଧାନ; ପୁନଃ ଚିହ୍ନଟ ହେବା ନେଇ ସୂଚନା

ଭଦ୍ରକ:ଏହି ଜିଲାର ଭଣ୍ଡାରିପୋଖରୀ ତହସିଲ ଅନ୍ତର୍ଗତ ବାଲିପୋଖରୀ ପଂଚାୟତ ଜଗନ୍ନାଥପ୍ରସାଦ ସୈରାତ ନିଲାମ ବାତିଲ ଦାବିରେ 'ଆଂଚଳିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି' ପକ୍ଷରୁ ଅନୁଷ୍ଠିତ ଗଣଧାରଣାକୁ ଆଜି ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଗତ ଗୁରୁବାର ଠାରୁ ତହସିଲ ଅଫିସ ସମ୍ମୁଖରେ କମିଟି ପକ୍ଷରୁ ହେଉଥିବା ଗଣଧାରଣା ବୁଧବାର ଆଖୁଆପଦା ଆନିକଟ ସମ୍ମୁଖରେ ହୋଇଥିଲା। ସୋମବାର ଜିଲ୍ଲାପାଳଙ୍କ ସହ ସୁରକ୍ଷା କମିଟିର ଆଲୋଚନା ଅନୁଯାୟୀ ବୁଧବାର ଉପଜିଲ୍ଲାପାଳ ପିତାମ୍ବର ସାମଲଙ୍କ ନେତୃତ୍ୱରେ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ପ୍ରତିନିଧି ଭାବେ ସ୍ଥାନୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଭଦ୍ରକ ଭୂତତ୍ୱବିତ୍ ଜେ ସୁଷ୍ମିନାରାନୀ, ବାଲେଶ୍ୱର ଓଏସପିସିବି ଆ ଳିକ ଅଧିକାରୀ ବୈଷୟିକ ସଦସ୍ୟମାନେ ସଂପୃକ୍ତ ସୈରାତରୁ ବାଲି ଉଠାଣ ଜନିତ ସମ୍ଭାବ୍ୟ ବିପର୍ଯ୍ୟୟର କ୍ଷେତ୍ରୀୟ ଅନୁଧାନ କରିଥିଲେ। ଏଥିସହ ବୈଷୟିକ କମିଟି ବାଲିପୋଖରୀ ଏସକେପ ପ୍ରତି ସୈରାତରୁ ବାଲି ଉଠାଣର ପ୍ରଭାବ ସମ୍ପର୍କରେ ମଧ୍ୟ ଅନୁଧାନ କରିଥିଲେ। ବୈଷୟିକ କମିଟି ପକ୍ଷରୁ ଉପଜିଲ୍ଲାପାଳ ଶ୍ରୀ ସାମଲ ଧାରଣା ସ୍ଥଳକୁ ଯାଇ ବିଜେପି ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଆଂଚଳିକ କମିଟି ଆବାହକ ଅକ୍ଷୟ ତ୍ରିପାଠୀ, ସଭାପତି ସୁଧିର ଜେନା ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀଙ୍କ ପକ୍ଷରୁ ଆବଶ୍ୟକୀୟ ପ୍ରାମାଣିକ ନଥିପତ୍ର ମଧ୍ୟ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ବୈଷୟିକ କମିଟି ଜିଲ୍ଲାପାଳଙ୍କୁ ଅବିଳମ୍ବେ ରିପୋର୍ଟ ପ୍ରଦାନ କରିବ ଓ ସ୍ଥାନୀୟ ଅଂଚଳବାସୀଙ୍କୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେଇ ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରି ଧରଣାରତ କମିଟି ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରାଯାଇଥିଲା। ଏଥିସହ ଗତ ମଙ୍ଗଳବାର ତହସିଲ ପକ୍ଷରୁ କରାଯାଇଥିବା ସୈରାତ ଅଂଚଳ ଚିହ୍ନଟ ଆନ୍ଦୋଳନକାରୀ ପ୍ରତିନିଧିଙ୍କ ଉପସ୍ଥିତିରେ ପୁନଃ ଚିହ୍ନଟ କରାଯିବ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ବେହେରା, ପ୍ରକାଶ ମହାପାତ୍ର, ବସନ୍ତ ତ୍ରିପାଠୀ, ଜିତେନ୍ଦ୍ର କୁମାର ମହାପାତ୍ର, ପ୍ରଭାତ କୁମାର ବାରିକ, ନଟବର ପରିଡା, ଅଭିମନ୍ୟୁ ଜେନା, ପ୍ରଦୀପ୍ତ କୁମାର ବାରିକ, ମହେଶ୍ୱର ଦାଶ, ନରନାରାୟଣ ପରିଡା, ରଶ୍ମିରଞ୍ଜନ ମହାପାତ୍ର, ଗିରିଶ ସାମଲ ପ୍ରମୁଖ ଆଲୋଚନା ସମୟରେ ଉପସ୍ଥିତ ଥିଲେ। ତେବେ ମଙ୍ଗଳବାର ଠାରୁ ଏହି ସୈରାତରୁ ବାଲି ଉଠାଣ ବନ୍ଦ ରହିଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲା ମଣିପଦର ଡାମିସାହିଠାରେ ବୃକ୍ଷ ରୋପଣ ଓ ବନ ମହୋତ୍ସବ କାର୍ଯ୍ୟକ୍ରମ

କନ୍ଧମାଳ: କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଫରେଷ୍ଟ ରେଞ୍ଜ ଅଧିନରେ ଥିବା ମଣିପଦର ଡାମିସାହିରେ ଥିବା ଖେଳ ପଡିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବିଡିଓ ରଶ୍ମିରଞ୍ଜନ ମହନ୍ତ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବନ୍ଧଗଡର ଫରେଷ୍ଟର ଚନ୍ଦ୍ରମା ପଟ୍ଟନାୟକ ଏବଂ ସେହି ଅଂଚଳର ଫରେଷ୍ଟ ଗାର୍ଡ ମାନଙ୍କ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନରକ୍ଷୀ ସଂଗ୍ରାମ ଦିଗାଲ,ଏପିଓ ସୁମନ୍ତ ଉଠାଣସିଂ ପ୍ରମୁଖ ଯୋଗ ଦେଇଥିଲେ।

## କଂଗ୍ରେସ ପକ୍ଷରୁ ପେଟ୍ରୋଲ, ଡିଜେଲ, ଗ୍ୟାସ ଓ ଖାଦ୍ୟ ତେଲର ମୂଲ୍ୟ ବୃଦ୍ଧି ବିରୋଧରେ ଜିଲ୍ଲାର ସମସ୍ତ ବ୍ଲକ ସମ୍ମୁଖରେ ଥାଳି, ଘଂଟା ଓ ଖଞ୍ଜଣି ବଜାଇ ଆନ୍ଦୋଳନ ଆରମ୍ଭ

ବାରିପଦା: ଓଡ଼ିଶାରେ ପେଟ୍ରୋଲ ଓ ଡ଼ିଜେଲର ମୂଲ୍ୟ ୧୦୦ ପାର ହୋଇଛି । ସେହିପରି ରନ୍ଧନ ଗ୍ୟାସର ମୂଲ୍ୟ ୯୦୦, ଖାଦ୍ୟ ତେଲର ମୂଲ୍ୟ ୨୦୦ଟଙ୍କା ଅତିକ୍ରମ କରି ସାରିଛି । ଏଥି ସହିତ ଆଳୁ, ପିଆଜ ସହ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶଛୁଆଁ ହୋଇଯାଇଛି । ଏହି ଅହେତୁକ ମୂଲ୍ୟ ବୃଦ୍ଧିକୁ ନେଇ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ସରକାର ଓଡ଼ିଶାରେ ବିଜୁ ଜନତା ଦଳ ସରକାରକୁ ଉତର ଦାୟୀ କରୁଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଭାରତୀୟ ଜନତା ପାର୍ଟିକୁ ଦାୟୀ କରୁଛି । ପରସ୍ପର ପରସ୍ପର ଉପରେ କାଦୁଅ ଫିଙ୍ଗା ଫିଙ୍ଗି ଜାରି ରଖିଥିବା ସମୟରେ ଉଭୟ ସରକାର ମୂଲ୍ୟବୃଦ୍ଧିକୁ ନିୟନ୍ତ୍ରଣ କରିବା କ୍ଷେତ୍ରରେ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ଗ୍ରହଣ କରିବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି । ଫଳରେ ଗରୀବ, ଖଟିଖିଆ, ଦିନ ମଜୁରୀଆ, ମଧ୍ୟବିତ ଜନତାଙ୍କ ସମେତ ସମାଜର ସମସ୍ତ ବର୍ଗର ଜନସାଧାରଣ ପ୍ରଭାବିତ ହୋଉଛନ୍ତି । କରୋନା ମହାମାରୀ ଜନସାଧାରଣଙ୍କ ନିକଟରୁ ଆୟ ଉପାର୍ଜନ ଛଡ଼ାଇ ନେଇଥିବା ବେଳେ ମହଙ୍ଗାମାଡ଼ ବୋଝ ଉପରେ ନଳିତାବିଡ଼ା ସଦୃଶ୍ୟ ହୋଇଛି । ଏଣୁ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଚରମ ବିଫଳତା ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଡ଼ାକରାରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସଙ୍କ ନେତୃତ୍ୱରେ ବ୍ଲକ କଂଗ୍ରେସ ପକ୍ଷରୁ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ସମ୍ମୁଖରେ ଜୁଲାଇ ୭ ପୂର୍ବାହ୍ନ ୧୦ଠାରୁ ମଧ୍ୟାହ୍ନ ୧ ପର୍ଯ୍ୟନ୍ତ ଘଂଟା, ଥାଳି ଓ ଖଞ୍ଜଣି ଆଦି ବଜାଇ ପ୍ରତିବାଦ କରାଯାଇଥିଲା । ଉକ୍ତ ପ୍ରତିବାଦରେ ସମସ୍ତ ବ୍ଲକ କଂଗ୍ରେସ ସଭାପତିମାନେ ନିଜ ନିଜ ଅଂଚଳର କଂଗ୍ରେସ ଦଳର କର୍ମକର୍ତ୍ତା, ନେତା, ଛାମୁଆଁ ସଙ୍ଗଠନକୁ ନେଇ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାର ସଦର ମହକୁମା ବାରିପଦା ବ୍ଲକ ସକମ୍ମୁଖରେ ବାରିପଦା ବ୍ଲକ କଂଗ୍ରେସ ସଭାପତି ଚୈତନ୍ୟ ମାଝିଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ନଗର କମିଟି ସଭାପତି ଶାନ୍ତନୁ ପାଲ, ନିମାଇଁ ମୁର୍ମୁ, ଚାମୁରୁ ହେମ୍ବ୍ରମ, ଦୁର୍ଗା ହେମ୍ବ୍ରମ, ମନୋରଞ୍ଜନ ମହାନ୍ତ, ସୁକୁମାରୀ ବାସ୍କେ, ମିନତୀ ହାଁସଦାଃ, ଲକ୍ଷ୍ମଣ କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ ଆନ୍ଦୋଳନ ଜୁଲାଇ ୧୭ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତ ୯ରେ ଜିଲ୍ଲାର ସମସ୍ତ ନଗରରେ ଆନ୍ଦୋଳନ ହେବାକୁ ଯାଉଥିବା ବେଳେ ୧୭ରେ ପେଟ୍ରୋଲ ପମ୍ପ ସମ୍ମୁଖରେ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବାରିପଦା ନଗର ସଭାପତି ଶ୍ରୀପାଳ ପ୍ରକାଶ କରିଛନ୍ତି ।

## ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବଂଟନ କାର୍ଯ୍ୟକ୍ରମ

ଭଦ୍ରକ: ଜିଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଭଦ୍ରକ ଏବଂ ଆଦାନୀ ଫାଉଣ୍ଡେସନ, ଆଦାନୀ ଧାମରା ପୋର୍ଟର ମିଳିତ ସହାୟତାରେ, ପୂର୍ବ ଭାରତର ସବୁଜ ବିପ୍ଳବ ଯୋଜନା (ବିଜିଆର୍‌ଇଆଇ) ଅନ୍ତର୍ଗତ ଧାଡ଼ିରୁଆ ଧାନ ଚାଷ ନିମନ୍ତେ ବିହନ ବ ନ କାର୍ଯ୍ୟକ୍ରମ ଆଜି ସ୍ଥାନୀୟ କରଣପଲ୍ଲୀ ଓ କରଞ୍ଜମାଳ ପ ାୟତରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ଚାନ୍ଦବାଲି ବ୍ଲକ ଅଧକ୍ଷା ପ୍ରତିନିଧି ରଞ୍ଜନ କୁମାର ସାହୁ, ଚାନ୍ଦବାଲି ବ୍ଲକ କୃଷି ଅଧିକାରୀ ବୈରାଗୀ ଚରଣ ସେଠୀ ତଥା କରଣପଲ୍ଲୀ ସରପ ବାବୁଲି ସେଠୀ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ମଲ୍ଲିକ ତଥା ଗୋବିନ୍ଦ କୃଷକ ସଂଘ, ମା' ବନଦୁର୍ଗା କୃଷକ ସଂଘ ଏବଂ ମା' ଶୀତଳା କୃଷକ ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତି ରହି ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମ ଧାମରା ପୋର୍ଟ ପାର୍ଶ୍ୱବର୍ତୀ କରଣପଲ୍ଲୀ ଓ କରଞ୍ଜମାଳର ୫୦୦ ଏକର ଜମିରେ କାର୍ଯ୍ୟକାରୀ କରାଯିବ ଏବଂ ଏହି କାର୍ଯ୍ୟକ୍ରମରୁ ପ୍ରାୟତଃ ୩୫୦ ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ । ଏହି ଯୋଜନା ଅନ୍ତର୍ଗତ ଚାଷୀମାନଙ୍କୁ ଉନ୍ନତ କିସମର ପ୍ରାମାଣିକ ଧାନ ବିହନ ଯଥା ସିଆର୍ ୧୦୦୯ ସବ ୧ ଏବଂ କଳାଚମ୍ପା ଯେଗାଇ ଦିଆଯିବ । ବିହନ ରୋପଣ ପରେ ବିଭିନ୍ନ ଅଣୁଶାର, ଘାସମରା ଓ କୀଟନାଶକ ଔଷଧ ସହିତ ଚାଷୀମାନଙ୍କ ନାମ କୃଷି ବିଭାଗରେ ପଞ୍ଜିକରଣ କରାଯିବା ସହ ଏକର ପିଛା ଧାର୍ଯ୍ୟ ଆର୍ଥିକ ସହାୟତା ରାଶି ଦିଆଯିବ ବୋଲି ବ୍ଲକ କୃଷି ଅଧିକାରୀ ସୂଚନା ଦେଇଥିଲେ । ଏଠାରେ ଉଲ୍ଲେଖନୀୟ ଯେ, ଏହି ସରକାରୀ କାର୍ଯ୍ୟକ୍ରମ ଧାମରା ଅ ଳରେ ପ୍ରଥମଥର ପାଇଁ ପରିଚାଳିତ ହେଉଅଛି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଦାନୀ ଧାମରା ପୋର୍ଟ, ଜିଲା କୃଷି ବିଭାଗ ଓ ସ୍ଥାନୀୟ କୃଷକ ସଂଘ ମିଳିତ ଭାବେ ପ୍ରୟାସ କରିବେ । ଚାଷୀମାନଙ୍କୁ ସମୟ ବ୍ୟବଧାନରେ ପରାମର୍ଶ, ବୈଷୟିକ କୌଶଳ ତାଲିମ ଶିବିର ମାଧ୍ୟମରେ ଯୋଗାଇ ଦିଆଯିବ।

## ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ

ଧର୍ମଶାଳା: ଖୋର୍ଦ୍ଧା ଜିଲା ସଦର ମହକୁମାରେ ଜନସଂଖ୍ୟା ସଚେତନତା ପକ୍ଷ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳିତ ହୋଇଯାଇଛି ।ଏହି ଅବସରରେ ଏକ ସଚେତନତା ପାଇଁ ରଥ ପରିକ୍ରମାର ଶୁଭାରମ୍ଭ ହୋଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ତେବେ ଜନସଂଖ୍ୟା ସଚେତନତା ପକ୍ଷ ଜୁନ୨୭ ରୁ ଜୁଲାଇ ୧୦ ତାରିଖ ଓ ଜନସଂଖ୍ୟା ସ୍ଥିରତା ପକ୍ଷ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି ।ସେ ଆହୁରି ମଧ୍ୟ କହିଛନ୍ତି ଛୋଟ ପରିବାର ସୁଖୀ ପରିବାର ।ତେବେ ଏହାକୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଲୋକମାନଙ୍କୁ ପ୍ରଚାର ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଯାଉଛି। ସଚେତନତା ରଥ ଜିଲାର ୧୦ଟି ବ୍ଲକର ବିଭିନ୍ନ ଗାଁ ଗାଁ ବୁଲି ସଚେତନତା କରିବ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଧିକାରୀ ବିଶ୍ୱରଞ୍ଜନ ପତି ଯୋଗ ଦେଇ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପରିବାର ନିୟୋଜନ କାର୍ଯ୍ୟକ୍ରମ ଚଳିତ ମାସ ୧୧ ବିଶ୍ୱ ଜନସଂଖ୍ୟା ଦିବସ ଓ ଜୁଲାଇ ୧୧ ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନସଂଖ୍ୟା ସ୍ଥିରତା ପକ୍ଷ ପାଳନ କରାଯିବ। ତେବେ ବିଶ୍ୱ ଜନସଂଖ୍ୟା ଦିବସ ନେଇ ଚଳିତ ବର୍ଷର ବାର୍ତ୍ତା ରହିଛି 'ପରିବାର ନିୟୋଜନ ଏକ ସାମାଜିକ ଦାଇତ୍ୱ' ।ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପୋଷ୍ଟର, ବ୍ୟାନର, ଲିଫଲେଟ,ହୋର୍ଡିଙ୍ଗ ଓ ସଚେତନତା ରଥ ମାଧ୍ୟମରେ ସଚେତନ କରାଯିବ। ଏତତ ବ୍ୟତୀତ ଆଶାକର୍ମୀ ମାନେ ସନ୍ତାନକ୍ଷମ ଦମ୍ପତିଙ୍କର ଏକ ତାଲିକା ନବୀକରଣ କରିବା ସହିତ ଗ୍ରାମ୍ୟସ୍ତର ସ୍ୱାସ୍ଥ୍ୟ ଓ ପୋଷଣ ଦିବସରେ ସନ୍ତାନକ୍ଷମ ମହିଳାମାନଙ୍କୁ ସଚେତନ କରାଯିବ ।ଏପରିକି ସ୍ୱାସ୍ଥ୍ୟ କାନ୍ଥରେ ସଚେତନତା ବାର୍ତ୍ତା ରହିବା ବିଭିନ୍ନ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭ ନିରୋଧ ପାଇଁ ଗର୍ଭ ନିରୋଧ ବଟିକା ଓ କଣ୍ଡୋମ ବଂଟନ କରାଯିବ ।ସେହିପରି ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିର କରାଯାଇ ସ୍ଥାୟୀ ପରିବାର ନିୟୋଜନ ପାଇଁ ସଂପୃକ୍ତ ହିତାଧିକାରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି ।ଏହି କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦ୍ୱାରକା ନାଥ ଶତପଥୀ, ଡିପିଏମ ଗୀତାଞ୍ଜଳି ଦାଶ,ସହକାରୀ ଜନସ୍ୱାସ୍ଥ୍ୟ ସଂଚାର ଅଧିକାରୀ ପ୍ରଦ୍ୟୁମ୍ନ ମିଶ୍ରଙ୍କ ସମେତ ଜିଲା ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଲିଟର ୮୦ ଟଙ୍କାରେ ପେଟ୍ରୋଲ ବିକିଲା ଭୁବନେଶ୍ୱର ଜିଲ୍ଲା କଂଗ୍ରେସ

ଭୁବନେଶ୍ୱର : ଆଜି ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଅଭିନବ ଉପାୟରେ ୮୦ ଟଙ୍କା ପ୍ରତି ଲିଟର ଦରରେ ଜନସାଧାରଣଙ୍କୁ ପେଟ୍ରୋଲ ବିକ୍ରି କରିଛି। ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶଙ୍କ ନେତୃତ୍ୱରେ ୟୁନିଟ-୨ (ମାର୍କେଟ ବିଲ୍ଡିଂ) ପେଟ୍ରୋଲ ପମ୍ପ ସାମନାରେ ଆଜି ଜିଲ୍ଲାର କର୍ମକର୍ତ୍ତା ମାନେ ୧୦୦୦ ଲିଟର ପେଟ୍ରୋଲ, ୮୦ ଟଙ୍କା ପ୍ରତି ଲିଟର ହିସାବରେ ସାଧାରଣ ଜନତାଙ୍କୁ ଯୋଗାଇ ଦେଇଛନ୍ତି । ଶ୍ରୀ ଦାଶ କହିଥିଲେ କରୋନା ମହାମାରୀ ସମୟରେ ଆଜକୁ ପ୍ରାୟ ୨ ବର୍ଷ ହେବ ଲୋକଙ୍କ ରୋଜଗାର ଶୂନ ପ୍ରାୟ ହୋଇଯାଇଥିବା ବେଳେ ତୈଳଦର ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ନୈରାଶ୍ୟଜନକ, ଆଗକୁ କେନ୍ଦ୍ର ଓ ରାଜ୍ୟ ସରକାର ନଚେତିଲେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପୁନର୍ବାର ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିବ। ସେହିପରି ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ସଭାପତି ଶ୍ରୀ ମାନସ ଚୌଧୁରୀ ଯୋଗଦେଇ କହିଥିଲେ ୟୁପିଏ ସରକାର ସମୟରେ ଅଶୋଧିତ ତୈଳଦର ବର୍ତ୍ତମାନ ଅଶୋଧିତ ତୈଳଦରର ଦୁଇଗୁଣ ଥିବା ବେଳେ କଂଗ୍ରେସ ସରକାର ୬୦ଟଙ୍କାର ପେଟ୍ରୋଲ ଯୋଗାଇଦେଇଥିଲେ ଏବେ ଆର୍ନ୍ତଜାତିକ ବଜାରରେ ଅଶୋଧିତ ତୈଳଦର କମ ଥିବା ବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟ୍ୟାକ୍ସ ଯୋଗୁଁ ଆଜି ତୈଳଦର ୧୦୦ ଟଙ୍କା ଟପିଲାଣି। ଯଦି ଉଭୟ ସରକାର ଏହି ଦରବୃଦ୍ଧି ଉପରେ ତୁରନ୍ତ ଅଙ୍କୁଶ ନଲାଗନ୍ତି ତେବେ ଜିଲ୍ଲା, ଛାତ୍ର, ଯୁବ ଓ ମହିଳା କଂଗ୍ରେସ ସାଧାରଣ ଜନତାଙ୍କ ପାଇଁ ବିକ୍ଷୋଭ ଜାରି ରଖିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଉପସଭାପତି ଶ୍ରୀ ସୁବ୍ରତ ମହାପାତ୍ର ପରିଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌କେ ଅକତାବ ଅଲ୍ଲି, ମନୋରନ ଜେନା, ଅଶୋକ ଦାସ, ମିହିର ଆଚର୍ଯ୍ୟ, ଶ୍ରୀଧର ବଳିଆର ସିଂ, ଦେବରାଜ ମିଶ୍ର, ଇନ୍ଦ୍ରଜିତ ପରିଡ଼ା, ଜୟକୃଷ୍ଣ ସୁବୁଦ୍ଧି, ପ୍ରଶନ୍ନ ନାୟକ, ମନୋଜ ସାହୁ, ଦୀପକ କୁମାର ମହାପାତ୍ର, କୁଶୁମ ପ୍ରଧାନ, ଶ୍ରୀୟା ପଣ୍ଡା, କୁଳମଣି ସାହୁ, ମୋହନ ଜେନା, ଏସ୍‌କେ ତାକୁଦ୍ଦିନ, ଶୁଭ୍ରଜ୍ୟୋତି ଲେଙ୍କା, ମାନସ ସେଠୀ, ଦେବାଶିଷ ଦାସ, ଅକ୍ଷୟ ଦାସ, ଦୁର୍ଗାପ୍ରସାଦ ମାହଲା, ରଜନୀ ମହାନ୍ତି, ପବିତ୍ର ମହାନ୍ତି, ପ୍ରକାଶ ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

## ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଯୋଗାଇବା ଦାବିରେ ବିଜେପିର ରାଜ୍ୟବ୍ୟାପୀ ପ୍ରତିବାଦ

ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରୀବଙ୍କୁ ବାସଗୃହ ଆବଂଟନ ପ୍ରସଙ୍ଗରେ ଓଡିଶା ଆସିଥିବା କେନ୍ଦ୍ରୀୟ ଟିମ୍ ତାଙ୍କ ତଦନ୍ତ ରିପୋର୍ଟ ଅନୁଯାୟୀ ଏକ ମହାଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ରିପୋର୍ଟ ଅନୁଯାୟୀ ୧ ଲକ୍ଷରୁ ଉର୍ଦ୍ଧ୍ୱ ଘର ବଂଟନରେ ଅନିୟମିତତା ହେବା ସହ ପାଖାପାଖି ୧୦୦୦ କୋଟି ଟଙ୍କାର ବାଟମାରଣା ହୋଇଛି । ରାଜ୍ୟରେ ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ବାସଗୃହ ପାଇବାରୁ ବଂଚିତ ନହୁଅନ୍ତି, ସେଥି ପାଇଁ ରାଜ୍ୟ ବିଜେପି ତରଫରୁ ଆଜିଠୁ ୩ ଦିନ ଧରି ସମସ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ପ୍ରଦର୍ଶନ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି । ବିଜେପି ଅଭିଯୋଗ କରିଛି ଯେ ଅଯୋଗ୍ୟ ହିତାଧିକାରୀଙ୍କୁ ଦଳୀୟ ଭିତିରେ, ଗୋଟିଏ ଗୋଟିଏ ପରିବାରରେ ଏକାଧିକ, ଅଯଥା ଅନୁକଂପା ପ୍ରଦର୍ଶନ, ଗୁହାଳକୁ କଚ୍ଚା ଘର ଭାବେ ଜିଓ ଟ୍ୟାଗିଂ କରାଯାଇ ବାସଗୃହ ଆବଂଟନ କରାଯାଇଛି । ଏପରିକି ଏ ସମସ୍ତ ତଥ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ୱେବସାଇଟରେ ନିର୍ମିତ ଘରର ଡମି/ନକଲି ଏଂଟ୍ରି କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ଷ୍ଟିକର ଛୋଟ ଆକାରରେ ଓ ବିଜୁ ପକ୍କା ଘର ଯୋଜନାର ବଡ ଷ୍ଟିକର ଲଗାଯାଇଛି । ପିଏମ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ ନମ୍ବରକୁ ପରିବର୍ତନ କରାଯାଇଛି । ବଲାଙ୍ଗୀର ଜିଲ୍ଲାର ପାଟଣାଗଡରେ ପୂର୍ବତନ ମନ୍ତ୍ରୀ କେ.ଭି.ସିଂହଦେଓ, କଂଟାବାଂଜିରେ ସାଂସଦ ସଂଗୀତା ସିଂହଦେଓ, ଲୋଇସିଙ୍ଗାରେ ବିଧାୟକ ଡ.ମୁକେଶ ମହାଲିଙ୍ଗ; ସମ୍ବଲପୁର ଜିଲ୍ଲା ଜମନକିରାରେ ରାଜ୍ୟ ସାଧାରଣ ସଂପାଦକ ରବି ନାଏକ, ଧନକଉଡାରେ ରାଜ୍ୟ ଉପସଭାପତି ତଥା ବିଧାୟକ ନାଉରୀ ନାଏକ; ତାଳଚେରରେ ରାଜ୍ୟ ସଂପାଦକ କାଳନ୍ଦୀ ସାମଲ; ଝାରସୁଗୁଡା ଜିଲ୍ଲା କିର୍ମିରା ଓ ଲଇକେରାରେ ବିଧାୟକ ଶଂକର ଓରାମ ଏବଂ ରାଜ୍ୟ ସଂପାଦକ ଟଙ୍କଧର ତ୍ରିପାଠୀ; ସୁନ୍ଦରଗଡ ଜିଲ୍ଲା ଟାଙ୍ଗରପାଲୀ ଓ ଲେଫ୍ରିପଡାରେ ବିଧାୟକ ଭବାନୀ ଭୋଇ ଏବଂ ବିଧାୟିକା କୁସୁମ ଟେଟେ; ଗଜପତି ଜିଲ୍ଲା ଘୁମାରେ ବିଧାୟକ କେ.ନାରାୟଣ ରାଓ ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର; ଭଦ୍ରକ ଜିଲ୍ଲାର ଭଦ୍ରକ ଓ ଚାନ୍ଦବାଲି; ଜଗତସିଂହପୁର ଜିଲ୍ଲାର ତିର୍ତୋଲ; ବରଗଡ ଜିଲ୍ଲାର ଭଟଲି; ସୋନପୁର ଜିଲ୍ଲାର ବିନିକା ବ୍ଲକ ସମେତ ପ୍ରମୁଖ ସ୍ଥାନରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ବିଡିଓ ଜରିଆରେ ପ୍ରଦାନ କରାଯାଇଥିଲା ।ରାଜ୍ୟରେ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କା ଘର ଖଣ୍ଡେ ନ ମିଳିବା ପର୍ଯ୍ୟନ୍ତ ବିଜେପି ଲଢେଇ ଜାରି ରଖିବ । ଆବାସ ଯୋଜନାରେ ହୋଇଥିବା ମହାଦୁର୍ନୀତି ବିରୁଦ୍ଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ବିଜେପି ପକ୍ଷରୁ ନିଆଯିବ ବୋଲି ପାର୍ଟୀ ତରଫରୁ ସ୍ପଷ୍ଟ ରୂପେ ଘୋଷଣା କରାଯାଇଛି ।

## ରାଷ୍ଟ୍ରୀୟ ଏକତା କ୍ଷେତ୍ରରେ ସ୍ୱାମୀ ନିଶ୍ଚଳାନନ୍ଦ ଜଣେ ଅଗ୍ରଗଣ୍ୟ ସନ୍ଥ

ଭୁବନେଶ୍ୱର : ଆଦିଶଙ୍କରଙ୍କ ପ୍ରତିଷ୍ଠିତ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ୭୮ତମ ପ୍ରକଟ ଉତ୍ସବ ଆଜି ରାମରାଜ୍ୟ ପରିଷଦ ପକ୍ଷରୁ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଜୁମ୍ ଭିଡ଼ିଓ ଯୋଗେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ନିଗମ କଳ୍ପତରୁ ଆଶ୍ରମର ପ୍ରତିଷ୍ଠାତା ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ୧୯୯୨ ମସିହାରେ ପୂଜ୍ୟପାଦ ଗୁରୁଜୀ ଗୋବର୍ଦ୍ଧନ ପୀଠର ୧୪୫ତମ ଶଙ୍କରାଚାର୍ଯ୍ୟ ଭାବେ ଅଧିଷ୍ଠିତ ହେବା ଦିନଠାରୁ, ହିନ୍ଦୁଧର୍ମ ଓ ଗୋମାତାର ସୁରକ୍ଷା ପାଇଁ ବିଶେଷ ଭାବରେ ଭାରତବର୍ଷର ଏକତା ଅଖଣ୍ଡତା ପାଇଁ ବର୍ଷକୁ ୨୫୦ଦିନ ଭାରତଭ୍ରମଣ କରିଥାନ୍ତି। ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଦିବ୍ୟଜୀବନ ସଂଘର ସନ୍ଥ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ଗୁରୁଜୀ ଜଣେ ପ୍ରଚଣ୍ଡ ବିଦ୍ୱାନ, ବୈଦିକ ଗଣିତରେ ସାରା ବିଶ୍ୱରେ ସେହିଁ ଏକମାତ୍ର ବ୍ୟକ୍ତି, ଗଣିତର ସମସ୍ତ ସୂତ୍ରକୁ ବେଦର ସୂତ୍ର ଅନୁସାରେ ସମାଧାନ କରିବାରେ ସକ୍ଷମ ।ଗୁରୁଜୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରି ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ, ବଂଶ ପରମ୍ପରା କ୍ରମେ ଗୁରୁଜୀଙ୍କ ପରିବାର ଏକ ସଂସ୍କୃତ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ଶାଣ୍ଡିଲ୍ୟ ଗୋତ୍ରିୟ ବ୍ରାହ୍ମଣ ପରିବାର। ପରିବାରର ଛାପରେ ଗୁରୁଜୀ ସମ୍ପୂର୍ଣ୍ଣ ଭାବେ ମହିମା ମଣ୍ଡିତ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଶିଷ୍ଟ ବୈଦିକ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବୈଦିକ ସ୍ୱସ୍ତିବାଚନ ଓ କାର୍ଯ୍ୟକ୍ରମର ସଂଯୋଜକ ଶିକ୍ଷାବିତ ଡଃ ବଦ୍ରୀନାଥ ପଟ୍ଟନାୟକ ଗୁରୁଜୀଙ୍କ ଅଧ୍ୟାତ୍ମ ।ବିଷୟରେ ଆଲୋଚନା କରିଥିଲେ। ବୁଦ୍ଧ ମନ୍ଦିରର ସମ୍ପାଦକ ତଥା ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁଜୀଙ୍କ ଦୀର୍ଘଜୀବନ କାମନା କରି ଏକ ବୈଦିକ ଯଜ୍ଞ ସ୍ୱାମୀ ସ୍ୱର୍ଣ୍ଣ ଭବନଠାରେ ପଣ୍ଡିତ ଡଃ ନିରଞ୍ଜନ ବ୍ରହ୍ମା ଓ ପଣ୍ଡିତ ବିନୋଦ ବିହାରୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା ।ଆଜିର କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି ତିରୁପତିର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, ଡଃ ଜ୍ଞାନରଞ୍ଜନ ପଣ୍ଡା, ପ୍ରଫେସର ବୁଦ୍ଧଦେବ ମିଶ୍ର, ଆଦିଶଙ୍କର ବେଦାନ୍ତ ପ୍ରତିଷ୍ଠାନମର ଅଧ୍ୟକ୍ଷ ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପୂର୍ବତନ ଆଇ.ଜି. ଅରୁଣ କୁମାର ଉପାଧ୍ୟାୟ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଡଃ ଆର୍ତତ୍ରାଣ ମିଶ୍ର ପ୍ରମୁଖ ଗୁରୁଜୀଙ୍କ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କୁ ଗୁରତ୍ୱ ଦେବା ପାଇଁ କରୁଥିବା ଦାବୀକୁ ସରକାର ଗ୍ରହଣ କରିବା ଉଚିତ୍ ବୋଲି କହିଥିଲେ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Wednesday July 21, 2021 ଭୁବନେଶ୍ୱର ବୁଧବାର, ଜୁଲାଇ ୨୧,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର କ୍ରେଡିଟ୍ ରେଟିଂ ଆଇଏନ୍‌ଣ୍ଡି ଏ ପ୍ଲସ୍ / ଆର୍‌ଡବ୍ଲ୍ୟୁଇ ଭାବେ ଇଣ୍ଡିଆ ରେଟିଂ ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଅପଗ୍ରେଡ୍ କରାଗଲା

ନୂଆଦିଲ୍ଲୀ : ଇଣ୍ଡିଆ ରେଟିଂ ଆଣ୍ଡ୍ ରିସର୍ଚ୍ଚ(ଇଣ୍ଡ୍-ଆର୍‌ଏ) ପକ୍ଷରୁ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍)ର କ୍ରେଡିଟ୍ ରେଟିଂକୁ ଅପଗ୍ରେଡ୍ କରାଯାଇ ଆଇଏନ୍‌ଣ୍ଡି ଏ ପ୍ଲସ୍/ଆର୍‌ଡବ୍ଲ୍ୟୁଇ ଭାବେ କରାଗଲା। ଏହା ପୂର୍ବରୁ ଇଣ୍ଡ ବିବିବି ପ୍ଲସ୍ ଥିଲା। ସେହିପରି କିଛି ଦିନ ପାଇଁ କମ୍ପାନୀର ରେଟିଂ ଇଣ୍ଡ୍ ଏ୧ ପ୍ଲସ୍ ଭାବେ ମଧ୍ୟ ଅପଗ୍ରେଡ୍ କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ତ୍ୱରାନ୍ୱିତ ଡେଲିଭରେଜିଂ ଡେବ୍‌ଟ ପ୍ରିପେମେଂଟ୍ ଆଧାର ସହିତି ୨୦୨୧ ଆର୍ଥିକ ବର୍ଷରେ ସୁଦୃଢ଼ କାର୍ଯ୍ୟକାରୀ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଏହି ରେଟିଂକୁ ଅପଗ୍ରେଡ୍ କରାଯାଇଛି। ରେଟିଂ ପ୍ରପୋଜଡ୍ ଆମାଲାଗେଶନ, ଷ୍ଟ୍ରଙ୍ଗ୍ ଗ୍ରୁପ୍ ଲିଙ୍କେଜ୍, ସେମ୍ ଲାଇନ୍ ଅଫ୍ ବିଜ୍‌ନେସ୍ , ଷ୍ଟ୍ରଙ୍ଗ୍ ଅପରେଶନାଲ, ଷ୍ଟ୍ରାଟେଜିକ୍ ଏବଂ ଫାଇନାନ୍ସିଆଲ୍ ଲିଙ୍କେଜ୍ ଆଧାରରେ ପ୍ରସ୍ତୁତ କରାଯାଇଛି। ପୂର୍ବରୁ ଚଳିତ ବର୍ଷ ମେ'ରେ କ୍ରିସିଲ୍ ରେଟିଂ ପକ୍ଷରୁ କ୍ରିସିଲ୍ ଏ ପ୍ଲସ୍/ଷ୍ଟାବୁଲ୍ ଲଙ୍ଗ ଟର୍ମ ରେଟିଂ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌କୁ ପ୍ରଦାନ କରାଯାଇଥିଲା। ସେହିପରି ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌କୁ ଶର୍ଟ ଟର୍ମ କ୍ରେଡିଟ୍ ରେଟିଂ କ୍ରିସିଲ୍ ଏ-୧ ପ୍ରଦାନ କରାଯାଇଥିଲା।ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଭୟଉଦୟ ଜିନ୍ଦଲ କହିଲେ, ଲାଟେଷ୍ଟ୍ କ୍ରେଡିଟ୍ ରେଟିଂ ଅପଗ୍ରେଡ୍ ଜେଏସ୍‌ଏଲ୍‌ରେ ଜେଏସ୍‌ଏଚ୍‌ଏଲ୍‌ର ମଧ୍ୟରେ ଜାରି ରହିଥିବା ମିଶ୍ରଣ ଉପରେ ସକାରାତ୍ମକ ପ୍ରଭାବ ଅନୁଭୂତ କରାଇବ। ଇଣ୍ଡ୍-ଆର୍‌ଏ ମିଶ୍ରଣ ପରେ ଫାଇନାନ୍ସିଆଲ୍ ଫ୍ଲେକ୍ସିବିଲିଟି ଏବଂ ବାଲାନ୍ସ ଶିଟ୍ ସୁଦୃଢ଼ କରାଇବା ସହିତ ଦୀର୍ଘ କାଳୀନ ପ୍ରଭାବ ଉପଲବ୍ଧ କରାଇବ।ଇଣ୍ଡ୍-ଆର୍‌ଏ ଜେଏସ୍‌ଏଲ୍‌ର ବିଜ୍‌ନେସ୍ ଏବଂ ଫାଇନାନ୍ସିଆଲ ପ୍ରୋଫାଇଲ୍ ମିଶ୍ରଣ ପରେ ସ୍ଥିତିକୁ ସଶକ୍ତ କରାଇବ। ଏହା ଇଣ୍ଡଷ୍ଟ୍ରି ଲିଡିଂ ଅପରେଶନ୍ ଏବଂ ଫାଇନାନ୍ସିଆଲ୍ ମେଟ୍ରିକ୍ସ ସହିତ ଫାଇନାନ୍ସିଆଲ ଫ୍ଲେକ୍ସିବିଲିଟିକୁ ବୃଦ୍ଧିମନ୍ତ କରାଇବ।ଇଣ୍ଡ୍-ଆର୍‌ଏ କ୍ରେଡିଟ୍ ରେଟିଂ ମାଧ୍ୟମରେ ଜିନ୍ଦଲ ଷ୍ଟେନ୍‌ଲେସ୍(ହିସାର) ଲିମିଟେଡ୍ (ଜେଏସ୍‌ଏଚ୍‌ଏଲ୍)କୁ ଲଙ୍ଗ ଟର୍ମ ଏବଂ ଶର୍ଟ ଟର୍ମ ରେଟିଂ ଭାବେ ଯଥାକ୍ରମେ ଆଇଏନ୍‌ଣ୍ଡି ଏ ପ୍ଲସ୍ ଏବଂ ଆଇଏନ୍‌ଣ୍ଡି ଏ-୧ ପ୍ଲସ୍ ପ୍ରଦାନ କରାଯାଇଛି। ଆଇଏନ୍‌ଣ୍ଡି -ଆର୍‌ଏ ରିପୋର୍ଟର ଅଂଶ ବିଶେଷ:ସଫଳତାର ସହିତ ପରିଚାଳନା ରଣନୀତି ଡେବ୍‌ଟ ରିଡକଶନ ପାଇଁ କାର୍ଯ୍ୟକାରୀ କରାଇବା। ଏହା ଅନ୍ତର୍ଗତ ୨୦୨୧ ଆର୍ଥିକ ବର୍ଷରେ ବାଲାନ୍ସ ଶିଟ୍ ଆଧାରରେ ଲଙ୍ଗ ଟର୍ମ ଡେବ୍‌ଟ ରିପେମେଂଟ୍ ଫ୍ରି କ୍ୟାସ୍ ଫ୍ଲୋ ଜେନେରେଟେଡ୍ କରାଯାଇଛି। ଗ୍ରୁପ୍ ଏବଂ ଜେଏସ୍‌ଏଲ୍‌ର ଏହା ବାହ୍ୟ ଋଣ ୩୨.୯ ବିଲିୟନ ଟଙ୍କା ଏବଂ ୧୭.୧ ବିଲିୟନ ଟଙ୍କା ଯଥାକ୍ରମେ ୨୦୧୯ ଏବଂ ୨୦୨୧ ଆର୍ଥିକ ବର୍ଷରେ ହ୍ରାସ ପାଇଛି। ୨୦୨୧ରେ ଏହା ଯଥାକ୍ରମେ ୧୪.୧ ବିଲିୟନ୍ ଟଙ୍କା ଏବଂ ୯.୫ ବିଲିୟନ୍ ଟଙ୍କା ରହିଛି। ଗ୍ରୁପ୍ ଏବଂ ଜେଏସ୍‌ଏଲ୍‌ର ଋଣ ୨୦୨୨ ଆର୍ଥିକ ବର୍ଷରେ ଏହା ପୁଣି ହ୍ରାସ ପାଇବାର ଆଶା ଇଣ୍ଡ୍-ଆର୍‌ଏ ପକ୍ଷରୁ ରଖାଯାଇଛି। ଗ୍ରୁପ୍‌ର ନିଟ୍ ଆଡଜଷ୍ଟ୍ ଡେବ୍‌ଟ, ଏଲ୍‌ସି ଆସକେପଟାନ୍ସ/ ଅପରେଟିଂ ଇବିଡିଟା ୨୦୨୧ରେ ୨.୫ ଗୁଣା ହୋଇଛି। ୨୦୨୦ରେ ଏହା ୩.୭ ଗୁଣା ଏବଂ ୨୦୧୯ରେ ଏହା ୩.୭ ଗୁଣା ଥିଲା। ଏହା ୨ ଗଣା ହେବାର ଆଶା ରହିଛି। ଗ୍ରୁପ୍‌ର ଗ୍ରସ୍ ଇଂଟ୍ରେଷ୍ଟ୍ କଭରେଜ୍ ଯାହାକି ଅପରେଟିଂ ଇବିନିଟା/ ଗ୍ରସ୍ ଇଂଟ୍ରେଷ୍ଟ୍ ଏକ୍ସପେନ୍ସ ୨୦୨୧ରେ ୪.୦ ଗୁଣା ଥିବାବେଳେ ୨୦୨୦ରେ ଏହା ୨.୫ ଗୁଣା ଏବଂ ୨୦୧୯ରେ ୨.୪ ଗୁଣା ଥିଲା। ଏହା ୫ ଗୁଣା ହେବାର ଆଶା ରହିଛି। ସଶକ୍ତ ଅପରେଟିଂ ପ୍ରଦର୍ଶନ, ମାର୍କେଟ ଡାଇନାମିକ୍ସ ଏବଂ ବିଜ୍‌ନେସ୍ ଆଗିଲିଟି ଦ୍ୱାରା ହୋଇଥିବା ଇବିଡ଼ିଟା ୨୦୨୧ରେ ୧୪.୩ ବିଲିୟନ ଟଙ୍କାକୁ ବୃଦ୍ଧି ହୋଇଛି। ଯାହାକି ଇଣ୍ଡ୍-ଆର୍‌ଏ ଦ୍ୱାରା ଆଶା କରାଯାଇଥିବା ୧୨ ବିଲିୟନ୍ ଟଙ୍କାରୁ ଅଧିକ ରହିଛି। ୨୦୨୦ରେ ଏହା ୧୧.୩ ବିଲିୟନ୍ ଟଙ୍କା ଥିଲା। ଜେଏସ୍‌ଏଲ୍‌ର ଇବିଡ଼ିଟା/ ଟନ୍ ୨୦୨୧ରେ ୧୭,୩୦୦ଟଙ୍କା/ ଟନ୍ ରହିଛି। ୨୦୧୯-୨୦ରେ ଏହା ୧୩,୦୦୦ ଟଙ୍କା/ଟନ୍ ଥିଲା। ପୂର୍ବରୁ ଏହାକୁ ୧୪,୬୦୦ ଟଙ୍କା/ଟନ୍ ହେବାର ଆଶା ରଖାଯାଇଥିଲା। ୨୦୨୧ର ଦ୍ୱିତୀୟ ତ୍ରୟମାସରେ ଏହା ବୃଦ୍ଧି ହେବାରେ ଲାଗିଛି। ଇଣ୍ଡ୍-ଆର୍‌ଏ ପକ୍ଷରୁ ଏହାକୁ ୨୦୨୨-୨୩ ଆର୍ଥିକ ବର୍ଷରେ ଟନ୍ ପିଛା ୧୪,୦୦୦ ଟଙ୍କାରୁ ୧୫,୦୦୦ଟଙ୍କା ରଖାଯାଇଛି। ଘରୋଇ କ୍ଷେତ୍ରର ଚାହିଦା ଯୋଗୁ ଏହା ସମ୍ଭବ ହେବାର ଆଶା ରହିଛି। ଯାହାକି ଭାରତୀୟ ଷ୍ଟିଲ୍ ସେକ୍ଟରର ବିକାଶକୁ ବୃଦ୍ଧିମନ୍ତ କରାଇବ।୨୦୨୧ର ଦ୍ୱିତୀୟ ତ୍ରୟମାସରେ ଇମିଡ଼ିଟା ଯୋଗୁ ବିଜ୍‌ନେସ୍ ଆଗିଲିଟି ୧୪.୩ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଛି। ୨୦୨୦ରେ ଏହା ୧୧.୩ ବିଲିୟନ୍ ଟଙ୍କା ଥିଲା। ଯାହାକି ଇଣ୍ଡ୍-ଆର୍‌ଏ ପକ୍ଷରୁ ଏହା ୧୨ ବିଲିୟନ୍ ଟଙ୍କା ଧାର୍ଯ୍ୟ ହୋଇଥିଲା। ଜେଏସ୍‌ଏଲ୍‌ର ଇବିଡିଟା ଟନ୍ ପିଛା ୨୦୨୧ରେ ୧୭,୩୦୦ଟଙ୍କା ଥିଲା। ୨୦୧୯-୨୦ରେ ଏହା ଟନ୍ ପିଛା ୧୩,୦୦୦ ଟଙ୍କା ଥିଲା। ପୂର୍ବରୁ ଏହାକୁ ଟନ୍ ପିଛା ୧୪,୬୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ୨୦୨୨-୨୩ରେ ଏହା ଟନ୍ ପିଛା ୧୪,୦୦୦ଟଙ୍କାରୁ ୧୫,୦୦୦ଟଙ୍କା ମଧ୍ୟରେ ରହିବାର ଧାର୍ଯ୍ୟ କରାଯାଇଛି। ଘରୋଇ କ୍ଷେତ୍ରର ଚାହିଦା ଯୋଗୁ ଏହା ସମ୍ଭବ ହେବାର ଆଶା ରହିଛି। ଯାହାକି ଭାରତୀୟ ଷ୍ଟିଲ୍ ସେକ୍ଟରର ବିକାଶକୁ ବିକଶିତ କରାଇବ। ଆମାଲଗାମାଶନ୍ ସୁବିଧା ଅନ୍ତର୍ଗତ ଜେଏସ୍‌ଏଲ୍‌ରେ ଜେଏସ୍‌ଏଚ୍‌ଏଲ୍‌ର ମିଶ୍ରଣ ଯୋଗୁ ବାର୍ଷିକ ଏହାର କ୍ଷମତା ୧.୯ ନିୟୁତ ମେଟ୍ରିକ୍ ଟନ୍ ରହିଛି। ଘରୋଇ କ୍ଷେତ୍ରରେ ଏହା ଅଗ୍ରଣୀ ଭୂମିକା ଗ୍ରହଣ କରିଥିବାବେଳେ ବିଶ୍ୱସ୍ତରରେ ୧୦ କମ୍ପାନୀ ମଧ୍ୟରେ ସ୍ଥାନୀତ ହୋଇଛି। ଏହାର କଷ୍ଟମର ସଂଖ୍ୟା, ଅଧିକ ବାର୍ଗେନିଙ୍ଗ ଶକ୍ତି, କଂଚାମାଲ ଯୋଗାଣ, ଅପରେଶନ୍ ଯୋଗୁ ଘରୋଇ ଏବଂ ରପ୍ତାନୀ କ୍ଷେତ୍ରରେ ସମତୁଲ୍ୟତା ଅନୁଭୂତ ହୋଇଛି। ଏହା ସହିତ ଆର୍‌ଏସି ବିଭିନ୍ନତା ଯୋଗୁ ଜେଏସ୍‌ଏଲ୍‌ର ଜୟପୁର ପ୍ଲାଂଟ୍ କଂଚାମାଲ କ୍ରୟ ଏବଂ ରପ୍ତାନୀ ବଜାରରୁ ଭାରତର ପୂର୍ବ ଅଂଚଳରେ ବେଶ୍ ସଫଳତା ହାସଲ କରିପାରିଛି। ଜେଏସ୍‌ଏଚ୍‌ଏଚ୍ର ହିସାର ପ୍ଲାଂଟ୍ ଘରୋଇ କପଶନ୍ ହବ୍ ଯୋଗୁ ସଫଳତା ଲାଭ କରିପାରିଛି।

## ଧାନ ସଂଗ୍ରହରେ ବିଜେଡ଼ି ବିଜେପି ରାଜନୀତିଠାରୁ ଉର୍ଦ୍ଧ୍ୱରେ ରହି ଚାଷୀଙ୍କଠାରୁ ସବୁ ବଳକାଧାନ କିଣନ୍ତୁ

ଭୁବନେଶ୍ୱର: ସରକାର କାହିଁକି ଧାନ କିଣାର ତ୍ରୁଟି ସଂଶୋଧନ କରୁନାହାନ୍ତି ? ରବି ଓ ଖରିଫର ୩ ଲକ୍ଷରୁ ଉର୍ଦ୍ଧ୍ୱ ଯୋଗ୍ୟ ପଞ୍ଜିକୃତ ବଳକା ଚାଷୀଙ୍କଠାରୁ ରାଜ୍ୟ ସରକାର କାହିଁକି ଧାନ କିଣିଲେ ନାହିଁ, ବିଭାଗୀୟ ମନ୍ତ୍ରୀ କିମ୍ବା ରାଜ୍ୟ ସରକାର ତା'ର ଉତ୍ତର ଦେବା ଅତ୍ୟନ୍ତ ଜରୁରୀ। ଏହି ପ୍ରମୁଖ ସମସ୍ୟାର ସମାଧାନ ପାଇଁ କାହିଁକି ଯଥାର୍ଥ ଭାବରେ ବିଚାର ବିମର୍ଷ କରାଗଲା ନାହିଁ। ପ୍ରତିବର୍ଷ ରବି ଓ ଖରିଫ୍‌ରେ ଉତ୍ପାଦନ ଅନୁଯାୟୀ କେତେ ଧାନ କିଣାଯିବ ତାହା ଚାଷୀଙ୍କୁ ନିଶ୍ଚିତ କରିବା ଉଚିତ୍। ସରକାରଙ୍କ ତୃଟିପୂର୍ଣ୍ଣ ନିଷ୍ପତି ଯୋଗୁଁ ହଜାର ହଜାର ଟୋକନ ଲାପ୍ସ କରିଛି। ରେଜିଷ୍ଟ୍ରେସନ୍ କରିଥିବା ଚାଷୀ ଟୋକନ ପାଇନାହିଁ। ଅଣ ପଞ୍ଜିକରଣ ଚାଷୀ ପାଉଛି ଟୋକନ। ୧୨ ରୁ ୧୫ ଦିନ ଟୋକନ ଅବଧି ନିର୍ଣ୍ଣୟ କରିଛି କିଏ ? ଠିକଣା ସମୟରେ ଆକଳନ ମୁତାବକ ମଣ୍ଡିକୁ ଟାର୍ଗେଟ ଦିଆ ଗଲା ନାହିଁ କାହିଁକି ? ଧାନ କିଣାବିକା ପ୍ରସଙ୍ଗରେ ବାରମ୍ବାର ଦେଖା ଯାଉଥିବା ବିଭିନ୍ନ ଜଟିଳ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ କେନ୍ଦ୍ର ରାଜ୍ୟକୁ ଦୋଷ ଲଦିଲା ବେଳେ ରାଜ୍ୟ କେନ୍ଦ୍ର ଉପରେ ଦୋଷ ଲଦୁଛି। ଶାସକ ଉଭୟ ବିଜେପି ଓ ବିଜେଡ଼ି ଦଳ ବାସ୍ତବ କ୍ଷେତ୍ରରେ ଧାନ କିଣା ପ୍ରସଙ୍ଗକୁ ଏଡ଼ାଇ ଦେଇ କେବଳ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦିବା ସହ ନାଟକବାଜୀ ଚଳାଇଛନ୍ତି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ରାଜ୍ୟ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଉଭୟ ସରକାରଙ୍କୁ ଏଥିପାଇଁ ଦାୟି କରିଛନ୍ତି।

## ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ଜନ୍ମୋତ୍ସବ



ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ସୋଲରସ୍ଥିତ ଉଦାସ ଆଶ୍ରମରେ ପୀଠ ଥିବା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କର ୫୭ ତମ ଜନ୍ମୋତ୍ସବ ପାରମ୍ପରିକ ନିତି ଅନୁଯାୟୀ ପ୍ରଭୂ ଶୂନ୍ୟବାସୀଙ୍କର ପ୍ରଭାତି ପ୍ରାର୍ଥନା ସହିତ ଷୋଡଶ ଉପଚାର ପୂଜା ,ପ୍ରଭୂ ଚତୁର୍ଦ୍ଧା ମୂର୍ତୀଙ୍କ ଷୋଡଶ ଉପଚାର ପୂଜା ଗୁରୁ ଅଭିଷେକ ପୂଜା ସହିତ ସତସଙ୍ଗ ଓ ନାମ ସଂକୀର୍ତନରେ ଉଦାସ ଆଶ୍ରମ ପରିବେଷଣ ଖୁବ୍ ଭକ୍ତିମୟ ହୋଇ ଉଠିଥିଲା । ବହୁ ଦୂରଦୂରାନ୍ତରୁ ଉଦାସପନ୍ଥୀ ଭକ୍ତଙ୍କର ସମାଗମ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ଭଦ୍ର ବ୍ୟକ୍ତିଙ୍କ ସହିତ ସାଧୁସନ୍ଥଙ୍କର ପଦାର୍ପଣ ହୋଇଥିଲା । ସତସଙ୍ଗ ଉତ୍ସବରେ ସେବକ ସତ୍ୟରଂଜନ ଦାସ ପ୍ରାରମ୍ଭିକ ଉଦବୋଧନ ଦେଇ ଉଦାସପନ୍ଥାର ଲକ୍ଷକୁ ସରଳ ଅର୍ଥରେ ବୁଝାଇଥିଲେ । ପରେ ସନ୍ଥ କବୀର ବିଦ୍ୟାର୍ଥି,ସ୍ତମ୍ଭକାର ଅରୁଣ ପଣ୍ଡା,ସାମ୍ବାଦିକ ବେଣୁଧର ପଣ୍ଡା,ଶିଶୁଅନନ୍ତ ପୀଠର ସଂପାଦକ ଆଇଜୀବୀ କରୁଣାକର ଜେନା,ଡାକ୍ତର ସରୋଜ ଜେନା,ପଣ୍ଡିତ ନିଳକଣ୍ଠ ମହୋଦୟ,ପତଞ୍ଜଳି ଯୋଗ ସମିତି ଅଧକ୍ଷା ସଂଗୀତା ଦାସ ଆଦି ଅଭିଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ସ୍ୱାମୀ ଯଜ୍ଞେଶ୍ୱରା ନନ୍ଦ ମହାରାଜ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା ଓ ମହାମାରୀ କରୋନାକୁ ପ୍ରତିହତ ପାଇଁ ଯଜ୍ଞ ଏକମାତ୍ର ଆବଶ୍ୟକ ବୋଲି କହିଥିଲେ । ଏଥିସହିତ ପ୍ରତ୍ୟେକ ଭକ୍ତଙ୍କ ହୃଦୟ ଭକ୍ତ ଭାବ ଜାଗ୍ରତ ପାଇଁ ସତସଙ୍ଗର ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଉଦାସପନ୍ଥି ଭକ୍ତ ସୁଧାଂଶୁ ଶେଖର ନାୟକ,ପ୍ରଫୁଲ୍ଲ କୁମାର ପୃଷ୍ଟି,ପଣ୍ଡିତ ଖଗେଶ୍ୱର ରଥ,ଗୟାଧର ପଣ୍ଡା ଓ ଉଦାସପନ୍ଥୀ ଭକ୍ତ ଅଂଜନ କୁମାର ନାୟକ ପ୍ରମୁଖ କାର୍ଯ୍ୟରେ ସହୟତା କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆଶ୍ରମର ସେବକ ସତ୍ୟରଂଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ସମସରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦ୍ୱିତୀୟ ଡୋଜ ଟୀକାକରଣ

ମାହାଙ୍ଗା :କଟକ ଜିଲ୍ଲା ମାହାଙ୍ଗା ବ୍ଲକ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ସମସରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜି ୨ୟ ଡୋଜ ଟିକାକରଣ କରାଗଲା । ଉକ୍ତ କାର୍ଯ୍ୟକ୍ରମରେ ସମସରପୁର ସ୍ୱାସ୍ଥ୍ୟକେନ୍ଦ୍ର ଚିକତ୍ସା ଅଧିକାରୀ ଡାକ୍ତର ଓମପ୍ରକାଶ ଖୁଂଟିଆ,ସମସରପୁର ଗାମ ପଂଚାୟତ ସରପଂଚଙ୍କ ପ୍ରତିନିଧି ପ୍ରିତମ କାନୁନଗୋ,ମହିଳା ସ୍ୱାସ୍ଥ୍ୟକର୍ମୀ ରଶ୍ମି ପ୍ରଧାନ,ସୁଜାତା ସାହାଣୀ ,କଂପ୍ୟୁଟର ଡାଟା ଅପରେଟର ପ୍ରକାଶ କୁମାର ଲେଙ୍କା,ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଦେବେନ୍ଦ୍ର ନାୟକ,ପୋଲିସ କର୍ମଚାରୀ ପ୍ରଭାତ କୁମାର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ । ରାତି ୪ଟା ସମୟରୁ ଲୋକମାନେ ଆଧାର କାର୍ଡ ଧରି ଲାଇନରେ ରହିଥିଲେ। ଏଠାରେ ସମସ୍ତ ବ୍ୟକ୍ତିଙ୍କୁ ଟିକାକରଣ କରାଯାଇଥିଲା

## ବିଜେପି ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ବଡଚଣା ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ପକ୍ଷରୁ ମଣ୍ଡଳ ସଭାପତି ଲଲାଟେନ୍ଦୁ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଧାରଣାରେ ମୁଖ୍ୟଅତିଥି ଭାବେ ବଡଚଣାର ବିଜେପି ଯୁବ ନେତା ରାଜ୍ୟ ସଂପାଦକ ଅମର ନାୟକ ଯୋଗ ଦେଇଥିଲେ । ରାଜ୍ୟ ସରକାରଙ୍କର ଅହେତୁକ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ,ଅଘୋଷିତ ବିଦ୍ୟୁତ୍ କାଟ,ଲୋଭୋଲଟେଜ ପ୍ରତିବାଦରେ ବିଜେପି ପକ୍ଷରୁ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ସାଧାରଣ ସଂପାଦିକା ଦେବଯାନୀ ପ୍ରଧାନ,ରାଜ୍ୟ ସଂପାଦକ ପ୍ରମୋଦ ଜେନା,ଓବିସି ମୋର୍ଚ୍ଚା ସମରେନ୍ଦ୍ର ପରିଡା,ସୋସିଆଲ ମିଡିଆ ପ୍ରମୁଖ ଚିନ୍ମୟୀ ସାହୁ,ସମିତିସଭ୍ୟ କିଶୋର ରାଉତ,ପ୍ରିତମ ନାୟକ,ସରପଂଚ ବଟକୃଷ୍ଣ ନାୟକ, ସମିତିସଭ୍ୟ ବନିତା ରାଉତ,ଦେବେନ୍ଦ୍ର ଜେନା,ମଣ୍ଡଳ ସଭାପତି ବେଣୁଧର ବିଶ୍ୱାଳ,ପ୍ରଦୀପ ସାମଲ,ବାଇଧର ସେନାପତି,ଅଜୟ ଜେନା,ନିରଞ୍ଜନ ମହାନ୍ତି,ପୂର୍ଣ୍ଣିମା ମିଶ୍ର,ନାରାୟଣ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ମଂଚ ପକ୍ଷରୁ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଏକ ୧୧ ଦଫା ସମ୍ବଳିତ ଦାବୀପତ୍ର ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବଡଚଣା ବିଦ୍ୟୁତ୍ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେଶ ପଟେଲଙ୍କୁ ପ୍ରଦାନ କରାଯାଇଥିଲା ।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ

ବାଲେଶ୍ୱର :ରେମୁଣା ବ୍ଲକ ବାଲିଆ ସ୍ଥିତ କପିଳ ମୁନୀ ବୃଦ୍ଧାଶ୍ରମରେ ସୋମବାର ଦିନ ଅପରାହ୍ନରେ ଡ଼ାକ୍ତର ଶ୍ରୀ ମାଧବ ସେଠି ବଦ୍ଧାଶ୍ରମର ଅର୍ଣ୍ଣପୁନା ଦେ, ଆପାରାଅ, ବନମାଳୀ ବେହେରା, ଅଞ୍ଜଳି କୁଣ୍ଡୁ, ଶାନ୍ତି ମହାଲିକ, ନିରଞ୍ଜନ ବର୍ଧନ, ଗଜେନ୍ଦ୍ର ସାହୁ ପ୍ରମୁଖ ସମସ୍ତ ଅନ୍ତେବାସୀମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରିକ୍ଷା କରିବା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ ଏବଂ କହିଥିଲେ ବୃଦ୍ଧାଶ୍ରମର ବାପା ମାଙ୍କର ସେବା କରିବାକୁ ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି। ଆଗକୁ ଏହି ଭଳି ସେବା ଜାରି ରଖିବି। ଏହି କାର୍ଯ୍ୟକ୍ରମରେ ସତ୍ୟଭାମା ମୁଦୁଲି, ଲୋକନାଥ ପିରି, ଅମିତା ପିରି, କଞ୍ଚମଣି ସ୍ୱାଇଁ, ସଙ୍ଗ୍ରାମ ପଣ୍ଡା, ସବିତା ରାଣୀ ଦାସ, ଗୋଲାପ ଦାସ, ସୁବାସ ଦାସ, ବବିତା ପ୍ରଧାନ ଓ କେଦାର ପରିଡ଼ା ପ୍ରମୁଖ ଯୋଗଦେଇ ଏହି ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ବୃଦ୍ଧାଶ୍ରମର ସଂସ୍ଥାପକ ବଳରାମ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବାରେ କେ.ପି.ଏଫ ସଭାପତି

ଫୁଲବାଣୀ: ଜନସେବା ଯାହାଙ୍କର ଏକମାତ୍ର ଧ୍ୟେୟ ଆଉ ପ୍ରେୟ,ଗରିବଙ୍କର ବିକାଶ ଯାହାଙ୍କର ଆଜୀବନ ବ୍ରତ ଆଉ ଯିଏ ସେଥିରେ ସର୍ବଦା ରତ; ସେ ହେଉଛନ୍ତି ଜନପ୍ରିୟ ଜନସେବକ ରାଧାମୋହନ ମହାପାତ୍ର । ଛାତ୍ର ଜୀବନରୁ ଜନସେବାକୁ ଏକ ମିଶନ ରୂପେ ଗ୍ରହଣ କରିନେଇଥିବା ଶ୍ରୀ ମହାପାତ୍ର ଏବେ ସମଗ୍ର କନ୍ଧମାଳ ଜିଲ୍ଲାର ଜଣେ ଜର୍ଚ୍ଚିତ ବ୍ୟକ୍ତିତ୍ୱ। କେହି ତାଙ୍କୁ ନଡାକୁ ଯେଉଁଠାରେ ବିପତି,ସେଠାରେ ତୁରନ୍ତ ଯାଇ ପହଂଚିଯାଆନ୍ତି ରାଧାମୋହନ ଆଉ ସହାୟତାର ହାତ ବଢ଼ାଇଦିଅନ୍ତି ସେବାର ହାତ। ଏହି ପରିଭାବେ ସମଗ୍ର କନ୍ଧମାଳ ଜିଲ୍ଲାରେ ଏବେ ସେ ତାଙ୍କ ଜନସେବା କାର୍ଯ୍ୟକୁ ତ୍ୱରାନିତ କରିଚାଲିଛନ୍ତି । ବିଶେଷ କରି କେପିଏଫ ସଂଗଠନ ମାଧ୍ୟମରେ । ପିଲାବେଳୁ ବିଜୁବାବୁଙ୍କୁ ଆଦର୍ଶ ମନେକରୁଥିବା ଏହି ଛୋଟ ପିଲାଟି ଦିନେ ନା ଦିନେ କିଛି ସମାଜ ମଙ୍ଗଳ କାମ କରିବ ବୋଲି ନିଜ ପରିବାର ଓ ନିଜ ଗ୍ରାମର ସାଙ୍ଗସାଥୀଙ୍କ ମଧ୍ୟରେ ଯାହା ଆଲୋଚନା ହେଉଥିଲା ତାହା ଆଜି ବାସ୍ତବରେ ପରିଣତ ହେଉଛି । କନ୍ଧମାଳ ଜିଲ୍ଲା ସାମ୍ବାଦିକତା ସହିତ ସମାଜ ସେବାରେ ସମସ୍ତଙ୍କ ପାଇଁ ଚିହ୍ନାମୁହଁ ରାଧାମୋହନ । ଦୀର୍ଘ ୧୧ବର୍ଷ କାଳ ସେ ନକ୍ଷତ୍ର ନ୍ୟୁଜ୍‌ରେ ଜିଲ୍ଲା ପ୍ରତିନିଧି ଭାବରେ କାର୍ଯ୍ୟକରି ଆସୁଛନ୍ତି। ଏଥି ସହିତ ସମାଜ ସେବା କ୍ଷେତ୍ରରେ ସମାଜର ସାମାଜିକ କାର୍ଯ୍ୟ ହେଉ କିମ୍ବା ତାଙ୍କର ହକ୍ ପାଇଁ ସଦା ସର୍ବଦା ବିଭିନ୍ନ ସଙ୍ଗଠନର ଗୁରୁ ଦାୟିତ୍ୱ ନେଇ ସର୍ବସାଧାରଣଙ୍କର ଦାବୀ ପୁରଣ ସହିତ ତାଙ୍କ ସୁରକ୍ଷା ପାଇଁ ଜିଲ୍ଲା ଠାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛନ୍ତି । ଏଥି ସହିତ ମିଡିଆ ଡଭଲପମେଂଟ ଅଫ ଇଣ୍ଡିଆ ଓଡିଶା ଶାଖାର ରାଜ୍ୟ ସଭାପତି ଅଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ସାମ୍ବାଦିକ ମାନଙ୍କ ହକପାଇଁ ଲଢ଼େଇ କରି ବିଭିନ୍ନ ଦାବୀରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ କିଛି ଦାବୀ ମଧ୍ୟ ପୁରଣ କରି ପାରିଛନ୍ତି । ଦୀର୍ଘଦୀନ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟକରି ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କୃତ ମଧ୍ୟ ହୋଇଛନ୍ତି ରାଧାମୋହନ । ସବୁ ସମୟରେ ସବୁ କ୍ଷେତ୍ରରେ ସବୁଠାରେ ପହଂଚିଛନ୍ତି ସେ। ଗତ ୩ବର୍ଷ ହେଲା ଜିଲ୍ଲା କନ୍ଧମାଳ ପିପୁଲ୍ସ ଫୋରମ ଗଠନ କରି କନ୍ଧମାଳ ଜିଲ୍ଲାର ବିଭିନ୍ନ ଦାବୀ ପୁରଣ ପାଇଁ ର୍‍ୟାଲି ଭିକ୍ଷୋଭ ,ଗଣଧାରଣା,ବାଇକ ର୍‍ୟାଲି,ଦସ୍ତଖତ ଅଭିଯାନ ମାନ କରି ଦୀର୍ଘଦିନର କନ୍ଧମାଳ ଜିଲ୍ଲାବାସୀଙ୍କ ମୁଖ୍ୟଦାବୀ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅହରହ ପ୍ରଚେଷ୍ଟା ଆନ୍ଦୋଳନ କରି ସରକାରଙ୍କ ଜରିଆରେ ସଫଳ ହୋଇ ପାରିଛନ୍ତି । କନ୍ଧମାଳକୁ ରେଳ ସଂଯୋଗ ଦାବୀ ନେଇ ଦୀଲ୍ଲୀ ଗସ୍ତ କରି ରେଳବିଭାଗର ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା କରି ଅଳ୍ପ ସଫଳତା ପାଇଛନ୍ତି ରାଧାମୋହନ ଏବେବି ପୂର୍ଣ୍ଣ ସଫଳତା ପାଇଁ ଲଢ଼େଇ ଜାରି ରଖିଛନ୍ତି । ଏଥି ସହିତ କିଛି ବର୍ଷଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଅତିଥି ଭାବେ କାର୍ଯ୍ୟ ତୁଲାଉଥିବାର ଦେଖିବାକୁ ମିଳୁଛି । ଏପରିକି ଗତ ଲୋକସଭା ନିର୍ବାଚନରେ ସାଂସଦ ପାର୍ଥୀ ହୋଇପାରନ୍ତି ବୋଲି ଚର୍ଚ୍ଚା ଯୋର ଧରିଥିଲା । କାରଣ ଖାସକରି ରାଧାମୋହନଙ୍କର ଶାସକ ଦଳର କିଛି ପ୍ରଭାବଶାଳୀ ନେତାଙ୍କ ସହିତ ଘନିଷ୍ଠତା ହିଁ ଖୋରାକ ଯୋଗାଇଥିଲା। ଚର୍ଚ୍ଚା ପରେ ନିଜେ ରାଜନୀତିକୁ ଯିବେ ନାହିଁ ବୋଲି ସୋସିଆଲ ମିଡିଆରେ ଲେଖି ଚର୍ଚ୍ଚାକୁ ଖଣ୍ଡନ କରିଥିଲେ । ଗତ ଦେଢ଼ବର୍ଷ ହେଲା କରୋନା ମହାମାରୀ ଚାଲିଥିବା ବେଳେ ଜିଲ୍ଲାସାରା ବୁଲି ଲୋକଙ୍କୁ ମାସ୍କ,ସାନିଟାଇଜର,ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିବା ସହିତ ମହାମାରୀକୁ କିଭଳି ନିଜକୁ ରକ୍ଷା କରିପାରିବ ସେନେଇ ବୁଲିବୁଲି ଲୋକମାନଙ୍କୁ ସଚେତନ୍‌ତା କରୁଥିବା ଦେଖିବାକୁ ମିଳିଛି। ତେବେ ଏ ନେଇ ରାଧାମୋହନ ମହାପାତ୍ରଙ୍କୁ ଗଣ ମାଧ୍ୟମ ପକ୍ଷରୁ ଯୋଗାଯୋଗ କରାଯାଇଥିଲା ସେ ରାଜନୀତିରେ ଯୋଗ ଦେବା ଖବରକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଏବେ ରାଜନୀତିକୁ ଯିବା ନେଇ କୌଣସି ପଦକ୍ଷେପ ନେଇନାହିଁ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ କିଛି ଭାବିନାହିଁ । ବର୍ତମାନ ଦେଶରେ କରୋନା ମହାମାରୀ ଚାଲିଛି। ସାଧାରଣ ଲୋକଙ୍କ ପ୍ରତିଟି ଜୀବନ ମୁଲ୍ୟବାନ ତାଙ୍କ ସୁରକ୍ଷା ପାଇଁ ଯଥା ସମ୍ଭବ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରଚେଷ୍ଟା କରୁଛନ୍ତି ଉଭୟଙ୍କୁ ଧନ୍ୟବାଦ। ଅପରପକ୍ଷରେ ସେ ଆହୁରି ମଧ୍ୟ କହିଛନ୍ତି ଯେ ସାମ୍ବାଦିକତା ଚାଲିଛି ମୁଁ ସବୁବେଳେ ସବୁ ସମୟରେ ସାଧାରଣ ଲୋକଙ୍କ ହକ ପାଇଁ ଲଢ଼େଇ କରିଛି । ମୋ ଅଂଚଳର ବିକାଶ ପାଇଁ ମୁଁ ଗୁଣ୍ଡୁଚି ମୁଷା ହେବାକୁ ଚାହେଁ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray